## ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ଖଡ଼ିଆଳ,(ଡି.ଏନ.ଏ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଠାରେ ସହାୟତା ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଦିବ୍ୟାଙ୍ଗ ନାବାଳକମାନଙ୍କୁ ଟ୍ରାଏ ସାଇକେଲ ଓ ୭୨ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା। ଖଡ଼ିଆଳ ବିଡିଓ ନାରାୟଣ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଶିବିରରେ ମୁଖ୍ୟ ଅତିଥି ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଓ ସମ୍ମାନିତ ଅତିଥି ଭାବରେ ଉପାଧକ୍ଷ ଗୌତମ ତାଣ୍ଡି ଯୋଗଦାନ କରିଥିଲେ।

# ସଂକ୍ଷେପରେ

## ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ଉଦ୍‌ଘାଟିତ

**ନୂଆପଡ଼ା ଅଫିସ,୨୬।୧୧:** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ପଞ୍ଚାୟତ ମେଣ୍ଟାଟାଲ ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ ନୂଆପଡା ପକ୍ଷରୁ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆକାଉଟାଣ୍ଟ ଧର୍ମେନ୍ଦ୍ର ଦଣ୍ଡସେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସତ୍ୟ ପାଣିଗ୍ରାହୀ, ସନ୍ତୋଷ ବାଗ, ଯଶୋବନ୍ତି ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂଆପଡ଼ା ଏକ ଦାଦନ ପ୍ରବଣ ଜିଲା। ଏହି ଜିଲାର ୮୦ ଭାଗ ଲୋକ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଦାଦନ ଶ୍ରମିକ ଭାବରେ ଯାଇଥାନ୍ତି। ସେହିମାନଙ୍କ ୬ ରୁ ୧୪ ବର୍ଷର ଝିଅପୁଅ ପାଠପଢାରୁ ବଞ୍ଚିତ ନ ହେବେ ବୋଲି ସରକାରଙ୍କ ତରଫରୁ ଆସ ଆମେ ସଭିଏଁ ପଢିବା,ସଭିଏଁ ବଢିବା ଯୋଜନା ମାଧ୍ୟମରେ ଋତୁକାଳିନ ଆବାସିକ ପ୍ରଯତ୍ନ କେନ୍ଦ୍ର ଖୋଲି ଶିକ୍ଷାଦାନ ଦିଆଯାଉଛି। ଗୋଟିଏ କେନ୍ଦ୍ରରେ ୫୦ ଛାତ୍ରୀଛାତ୍ର ରହିବାର ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଲୋକଦୃଷ୍ଟି କର୍ମୀ ଯଶୋବନ୍ତ ନାଗେସ, ବିମଳା ବାଗ ଉପସ୍ଥିତ ଥିଲେ।

## ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

**ଖଡ଼ିଆଳ,୨୬।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ଅଧାପକ ଡ. ପଦ୍ମଲୋଚନ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନ। ଅତିଥି ଭାବରେ ଅଧାପିକା ମୀନ ଗୁଜୁରାତି, ଡ଼ କ୍ଷତିମୟୀ ତ୍ରିପାଠୀ ମଞ୍ଚାସୀନ ଥିଲେ। ଏଥିରେ ଅତିଥିମାନେ ସମ୍ବିଧାନର ୭୩ ବର୍ଷର କାର୍ଯ୍ୟକାରିତା ଉପରେ ସାମାଜିକ ଓ ଆର୍ଥିକ ଗଣତନ୍ତ୍ରର ଉପଲବ୍ଧି ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ପିଜି ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା । ରଶ୍ମି ସାହୁ, ଭବାନୀ ଲୁହାର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ତନୋଜ, କବିତା, ସୁବାସ ଗଣ୍ଡ, ଅଜୟ ପ୍ରଧାନ, କ୍ଷମାନିଧି ସାହୁ, ଜୁବୁଲି, ଡୋଲେଶ୍ୱରୀ, ସ୍ନେହ ସ୍ମିତା, ସିଆ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଆଦିବାସୀ ଭବନଠାରେ ସମ୍ବିଧାନ ଦିବସ

**ଖଡ଼ିଆଳ,୨୬।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଖଡ଼ିଆଳ ବ୍ଲକର ଗଡରାମୁଣ୍ଡା ସ୍ଥିତ ଆଦିବାସୀ ଭବନଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ସଂଘର ବ୍ଲକ ସଭାପତି କାର୍ତ୍ତିକେଶ୍ୱର ମଲ୍ଲିକଙ୍କ ଅଧକ୍ଷତାରେ ପାଳିତ ଦିବସରେ ବାବା ସାହେବ ଡ.ବି.ଆର. ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଭାବରେ ଆଦିବାସୀ ଓ ଦଳିତ ସମ୍ପ୍ରଦାୟଙ୍କ ସୁରକ୍ଷା ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ ସକାଶେ ପ୍ରଣୟନ କରାଯାଇଥିବା ଆଇନକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରି ବିକାଶ ସକାଶେ ଦୃଷ୍ଟି ଦେବା ପାଇଁ ବକ୍ତାମାନେ ପ୍ରକାଶ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବରେ ସଂଘର ଜିଲା ସମ୍ପାଦକ ବାଳକୃଷ୍ଣ ଶବର, ପୂର୍ବତନ ସରପଞ୍ଚ ବିଦ୍ଧୁର ଶବର, ପ୍ରଧାନ ଶିକ୍ଷକ ହରି ମାଝି, କିଶୋର ବାଗ, ସୁବୁଦ୍ଧି ଶବର, କେଶବ ପଟ୍ଟନାୟକ , ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ , ସୋମନାଥ ମାଝୀ ଓ ଆଦିବାସୀ ସଂପ୍ରଦାୟର ଯୁବକ ମଣ୍ଡଳୀ ଉପସ୍ଥିତ ଥିଲେ। ଖଡ଼ିଆଳ ନଗର ସଭାପତି ସୋମନାଥ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

**କେସିଙ୍ଗା,୨୬।୧୧( ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାର ୱାର୍ଡ ନମ୍ବର ୧୦ରେ ଜନମଙ୍ଗଳ କାର୍ଯ୍ୟ ପାଇଁ ଫ୍ଲଡ କଲୋନୀଠାରେ ଥିବା ସରକାରୀ ଜମିରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। କେସିଙ୍ଗା ଏନଏସିର ନିର୍ବାହୀ ଅଧିକାରିଣୀ କିରଣ ବେହେରାଙ୍କ ନେତୃତ୍ୱରେ ପୋଲିସ, ଆରଆଇ, ଏନଏସି ଷ୍ଟାଫ, କାଉନସିଲର, ୱାର୍ଡର ବିଭିନ୍ନ ମହିଳା ଗ୍ରୁପ ସଭାପତିଙ୍କ ଉପସ୍ଥିତିରେ ୱାର୍ଡରେ ଥିବା ସରକାରୀ ଜାଗାକୁ ଉଚ୍ଛେଦ କରାଯାଇ ଏନଏସି ନିଜ ଅକ୍ତିଆରକୁ ଆଣିଛି। ଏଠାରେ ପାର୍କ ପାଇଁ ମୁକ୍ତା ଯୋଜନାରେ ଲେଆଉଟ ଦିଆଯିବା ସହ ମିଶନ ଶକ୍ତି ଗୃହ ତିଆରି କରାଯିବ ବୋଲି ଜଣାଯାଇଛି। ଏହାଛଡା ଉକ୍ତ କଲୋନୀରେ ପୁଅ,



ସରକାରୀ ଜାଗାରୁ ଜବରଦଖଲ ହଟାଯାଇଛି।

ଝିଅଙ୍କ ବାହାଘର ବେଳେ ଜାଗା ଦିଆଯାଉଥିଲା। ବର୍ତ୍ତମାନ ଏହି ସମସ୍ୟା ଅଭାବରୁ ରାସ୍ତା ଉପରେ ଭୋଜି ମଧ୍ୟ ଦୂର ହୋଇପାରିବ। ଏହାଛଡା

### ପାର୍କ ନିର୍ମାଣ ପାଇଁ ଲେଆଉଟ ଦିଆଗଲା

ପଡ଼ା ଭିତରକୁ ଚାରିଚକିଆ ଯାନ ଓ ଟ୍ରାକ୍ଟର ଯାଇ ପାରୁ ନ ଥିଲା। ବର୍ତ୍ତମାନ ଭିତରକୁ ଯିବା ପାଇଁ ଓସାରିଆ ରାସ୍ତା ତିଆରି କରାଯିବ। ଦୀର୍ଘ ଦିନ ହେଲା ଅଙ୍ଗନୱାଡି ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ରାସ୍ତା ହେଲା ପରେ ଏହି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ଏନେଇ ଏନଏସିର ଅଧକ୍ଷ ନୃପରାଜ ଯାଦବଙ୍କୁ ପଚାରିବାରେ କେସିଙ୍ଗାର ଉନ୍ନତିରେ ବାଧା ସୃଷ୍ଟି ହେଲା ଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ଆଗକୁ ଆହୁରି ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ।

# ଆଦର୍ଶ ଶିକ୍ଷକ ଗଣେଶ୍ୱର ମହାନ୍ତିଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୨୬।୧୧**



ଗଣେଶ୍ୱର ମହାନ୍ତି

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ଗଣେଶ୍ୱର ମହାନ୍ତି (୯୪)ଙ୍କ ଶନିବାର ପରଲୋକ ହୋଇଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ଛାତ୍ରବତ୍ସଳ, ନୀତିନିଷ୍ଠ ଏବଂ ଆଦର୍ଶ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ୧୯୫୪ ମସିହା ୧୩ ସେପ୍ଟେମ୍ବରରେ ବଲାଙ୍ଗୀର ମଲମଣ୍ଡା ବେସିକ୍ ପ୍ରାଇମେରୀ ସ୍କୁଲରେ ସେ ଶିକ୍ଷକତା ଆରମ୍ଭ କରିଥିଲେ। ବେଲପଡା ବାଳିକା ହାଇସ୍କୁଲ, ଟିଟିଲାଗଡ଼ ବାଳକ ହାଇସ୍କୁଲ, ବଲାଙ୍ଗୀର ବାଳକ ଏମ୍ଇ ସ୍କୁଲରେ ସେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରିଥିଲେ। ସ୍କୁଲ ଏସଆଇ ଭାବେ ପଦୋନ୍ନତି ପାଇ ଶିକ୍ଷାର ପ୍ରସାର ଦିଗରେ ସେ ଦାୟିତ୍ୱର ସହ କାର୍ଯ୍ୟ କରିଥିଲେ। ଶିକ୍ଷକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୬ ଜାନୁଆରୀ ୨୬ରେ ତତ୍କାଳୀନ ରାଜ୍ୟପାଳ ବିଶମ୍ଭରନାଥ ପାଣ୍ଡେଙ୍କଠାରୁ ସେ ରାଜ୍ୟପାଳ ପୁରସ୍କାର ଗ୍ରହଣ କରିଥିଲେ। ଚାକିରିରୁ ଅବସର ଗ୍ରହଣ କରିବା ସମୟ ହୋଇଯାଇଥିଲେ ମଧ୍ୟ ତାଙ୍କ ଶୈକ୍ଷକୀୟ ନିଷ୍ଠା ଓ ଆଦର୍ଶ ଯୋଗୁଁ ତାଙ୍କୁ ଅଧିକ ଦୁଇ ବର୍ଷ ଶିକ୍ଷକତା କରିବାକୁ ଅନୁମତି ଦିଆଯାଇଥିଲା। ୧୯୮୯ ମସିହାରେ ସେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ଜଣେ ଆଦର୍ଶ ଶିକ୍ଷକର ଜୀବନ ଜୀଇଁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପ୍ରେରଣା ଯୋଗାଇ ଆସିଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତ, ଗଣମାଧ୍ୟମ ପ୍ରତିନିଧି ଓ ପୁରାତନ ଛାତ୍ର ତାଙ୍କ ତୁଳସୀନଗରସ୍ଥିତ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗ ସମୟରେ ସ୍ତ୍ରୀ କାନନବାଳା ମହାନ୍ତି, ୪ପୁଅ ଜ୍ଞାନେନ୍ଦ୍ର ମହାନ୍ତି, ଆଡଭୋକେଟ ଅମୀୟ ମହାନ୍ତି, ଅନୀଲ ମହାନ୍ତି ଓ ସାନପୁଅ ସାମ୍ବାଦିକ ସୁନୀଲ କୁମାର ମହାନ୍ତ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ପାଇଁ ସ୍ୱର୍ଗତ ମହାନ୍ତିଙ୍କ ମରଶରୀର ପୁରୀ ସ୍ୱର୍ଗଦ୍ୱାର ନିଆଯାଇଛି।

# ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ଖଡ଼ିଆଳ,୨୬।୧୧(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଜ୍ଞା ମିଶନ ପକ୍ଷରୁ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ଭୋକ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନ ପ୍ରତିନିଧି ଚନ୍ଦ୍ରଶେଖର ଚନ୍ଦ୍ରକାର, ଜୟକୃଷ୍ଣ ପଣ୍ଡା, ପବିତ୍ର ସିଂ ଲାଲ ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଅତିଥି ଭାବେ ନନ୍ଦ ଲାଲ ବାରିକ, ନୀଳଲୋହିତ ସିଂହ ଦେବ ତଥା ବିଚାରକ ଭାବେ ପ୍ରାକ୍ତନ ଅଧାପକ ବିଜୟ କୁମାର ବାରିକ, ପ୍ରାକ୍ତନ ଶିକ୍ଷକ ସନାତନ ମହାଉତି ଓ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧାପିକା ଆନନ୍ଦିନୀ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ନୂଆପଡ଼ା



ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀ।

ଜିଲାର ମୋଟ ବାଇଶି ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଗ୍ରେଡ ଏ ବିଭାଗରେ ଅର୍ଚ୍ଚିତା ତନୟା ସାହୁ ପ୍ରଥମ, ସିଦ୍ଧେଶ୍ୱର ଦଣ୍ଡସେନା ଦ୍ୱିତୀୟ, ଆରାଧ ସାହୁ ଓ ଏଲିସା ଭୂସାଗର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଗ୍ରେଡ଼ ବି ବିଭାଗରେ ଶ୍ରୀୟସ୍ମୃତି ସାହୁ ପ୍ରଥମ, ସ୍ୱୟଂପ୍ରୀତ ତ୍ରିପାଠୀ ଦ୍ୱିତୀୟ, ସୁଭମ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଗ୍ରେଡ ସି ବିଭାଗରେ ପ୍ରଜ୍ଞାପରମିତା ପାତ୍ର ପ୍ରଥମ, ଚିନ୍ମୟ ମେହେର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ରବୀନ୍ଦ୍ର ସାହୁ, ଲାବଣ୍ୟ ବଂଛୋର, ରୀନା ମେହେର, ଗଣେଶ ଗହୀର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଚନ୍ଦ୍ରଶେଖର ଚନ୍ଦ୍ରକାର ଧନ୍ୟବାଦ ଅର୍ପଣ କରିଥିଲେ।

## କୁମ୍ଭକାର ସମାଜର କୁରାଳ ପୂଜା ପ୍ରସ୍ତୁତି

**ନୂଆପଡ଼ା ଅଫିସ,୨୬।୧୧**

ନୂଆପଡ଼ା ସଦର ମହୁହାଭଟା ୱାର୍ଡ ନମ୍ବର ୧୩ ରେ କୁମ୍ଭକାର ସମାଜର କୁରାଳ ପୂଜା ପାଇଁ ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ପୂଜା କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ କୁମ୍ଭକାର ଜାତିର ଲୋକ ରୁଣ୍ଡହେବେ। ଆସନ୍ତା ୨୭ ରୁ ୨୯ ପର୍ଯ୍ୟନ୍ତ ତିନି ଦିନ ଧରି ପୂଜା ଅନୁଷ୍ଠିତ ହେବ । ନୂତନ ପୂଜା ପରିଚାଳନା କମିଟି ସଭାପତି ଭାବରେ ଲିଙ୍ଗରାଜ ରଣା, ସମ୍ପାଦକ ଥବିର ପ୍ରକାଶ ରଣା, କୋଷାଧକ୍ଷ ଭାବେ ଜଗତ ରଣା ମନୋନୀତ ହୋଇଛନ୍ତି। ପୂଜାକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ କେନ୍ଦ୍ରୀୟ ଅଧକ୍ଷ ଭାବରେ ଇନ୍ଦଳ ରଣା ସମେତ ୩୦ଜଣ ସଦସ୍ୟ ରହିଛନ୍ତି। ଚକ୍ରଧର ରଣା, ବିଶ୍ୱନାଥ ରଣା, ମେଲୁରଣା, ଗିରିଧାରି ରଣା, ଲୋଚନ ରଣା, ପ୍ରମାନନ୍ଦ ରଣା, କେଶୋ ରଣା, ଲମ୍ବୁ ରଣା, ଘୁନେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ।

# କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଦସ୍ତଖତ ଅଭିଯାନ

**କୋକସରା,୨୬।୧୧(ଡି.ଏନ.ଏ.)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ଚୁକ୍ତିଭିତ୍ତିକ ପଦବୀ ଉଚ୍ଛେଦ ଦାବିରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଚୁକ୍ତିଭିତ୍ତିକ ପଦବୀକୁ ଉଚ୍ଛେଦ କରିବା ସହ ୬ ବର୍ଷ ଚାକିରିକୁ ମୂଳ ଚାକିରିରେ ଗଣନା ଓ ୬ ଗୋଟି ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି କରି ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଜରିଆରେ ସରକାରଙ୍କୁ ନିଜର ଦାବି ଉପସ୍ଥାପନ କରାଯିବ । କୋକସରା ବ୍ଲକ ଶିକ୍ଷକ ସଂଘର ସଭାପତି ଭୁରିଶ୍ରବା ଜାଲ, ଉପ ସଭାପତି ବୀର କିଶୋର ନାଗ, ସମ୍ପାଦକ ସୁବାସ ଚନ୍ଦ୍ର ବାଗଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ଦୁର୍ଲ୍ଲଭ ଚନ୍ଦ୍ର ପୁଝାରି, ମଦନ ଲାଲ ନାଏକ, ଜନ୍ମେଜୟ ପ୍ରଧାନୀ, ଦିଲୀପ କୁମାର ସାହୁ, ଭୋଜରାଜ ଦୁର୍ଗା, ଅଜିତ କୁମାର ସାହୁ, ଶିକ୍ଷୟିତ୍ରୀ କୌଶଲ୍ୟା ନାଏକ ପ୍ରମୁଖ ଅଭିଯାନରେ ସାମିଲ ରହିଛନ୍ତି।

# ବାଙ୍ଗାଲୋରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



### ପରିବାର ସହ ଗାଁରେ ଶୋକାକୁଳ ପରିବେଶ

**କୋକସରା,୨୬।୧୧(ଡି.ଏନ.ଏ.):** ଗତ କିଛି ମାସ ମଧ୍ୟରେ କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଗ୍ରାମକୁ ଦାଦନ ଶ୍ରମିକଙ୍କ ମୃତଦେହ ଫେରିଛି। ପୁଣି ଆଉ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରୁଥିବା ନେଇ ସୂଚନା ମିଳିଛି। ମୃତକ ହେଲେ କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଡୁଡୁକାଠେଙ୍ଗା ଗ୍ରାମର ମୀନକେତନ ମାଝୀ (୧୮) । ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଗତ ୭ ମାସ ତଳେ ବାଙ୍ଗାଲୋର ଯାଇଥିଲେ । ବାଙ୍ଗାଲୋର ନିକଟସ୍ଥ ନାଗବରାରେ ଜଣେ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ଘରକୁ ମାସକୁ ମାସ ଟଙ୍କା ମଧ୍ୟ ପଠାଉ ଥିଲେ। ତେବେ ଶୁକ୍ରବାର ମଧ୍ୟାହ୍ନରେ କୌଣସି କାରଣରୁ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସାଥୀ ଶ୍ରମିକମାନେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଠିକାଦାର ଜଣକ ସମ୍ପୃକ୍ତ ଯୁବକଙ୍କ ପରିବାରକୁ ଖବର ଦେଇଥିଲେ। ଏହି ଖବର ଶୁଣି ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷରେ ଠିକାଦାର ଶ୍ରମିକଙ୍କ ମୃତଦେହ ତାଙ୍କ ଭିଟାମାଟିକୁ ଏକ ଆମ୍ବୁଲାନ୍ସରେ ପଠାଇଥିବା ନେଇ ସୂଚନା ମିଳିଛି। ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ ମୃତ ଶ୍ରମିକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସରକାରୀ ଭାବେ ଯାହା ସହାୟତା ରହିଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ମୃତ ମୀନକେତନ

# ଜିଲାପାଳଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୨୬।୧୧(ସ୍ୱ.ପ୍ର.)**

ଓଡ଼ିଶାର ସମସ୍ତ କାର୍ଯ୍ୟରତ ସାମ୍ବାଦିକ ସମୂହଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡିଶା ସାମ୍ବାଦିକ ସଂଘ(ଓଜେୟୁ)ର କର୍ମକର୍ତ୍ତାମାନେ ଗତ ୧୬ ତାରିଖ ଜାତୀୟ ପ୍ରେସ ଦିବସ ଅବସରରେ ଭୁବନେଶ୍ୱରର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଏହି ସଂଘର ବିଭିନ୍ନ ଜିଲା ଶାଖା ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ଅବସରରେ ୧୦ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଛି।ଏହି କ୍ରମରେ ଓଜେୟୁ କଳାହାଣ୍ଡି ଜିଲା ଶାଖା ସଭାପତି ନିରୋଜ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ଭେଟି ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।



କଳାହାଣ୍ଡି ଜିଲପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ସାମ୍ବାଦିକମାନେ ଉପେକ୍ଷିତ ଓ ଶୋଷିତ ହେଉଥିବା ଅଭିଯୋଗ ହେଉଛି। ଏନେଇ ରାଜ୍ୟର ବିଭିନ୍ନ ସାମ୍ବାଦିକ ସଂଗଠନ ସରକାରଙ୍କ ଠାରେ ବିଭିନ୍ନ ପ୍ରକାର ଦାବି କରି ଆସୁଛନ୍ତି। ରାଜ୍ୟରେ ସାମ୍ବାଦିକମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଆକ୍ରମଣ ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା,ମହାରାଷ୍ଟ୍ର ଢାଞ୍ଚାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ,ସାମ୍ବାଦିକଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ସ୍ୱାସ୍ଥ୍ୟ ବୀମା ରାଶି ବାର୍ଷିକ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା,ସମ୍ବେଦନଶୀଳ ଘଟଣା କିମ୍ବା ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଏକ ଆଦର୍ଶ ମାର୍ଗଦର୍ଶିକା ପ୍ରଣୟନ କରି ତାଲିମ ପ୍ରଦାନ କରିବା,ସାମ୍ବାଦିକଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ ଆଦି ଦାବି ରହିଛି । ଦାବିପତ୍ର ପ୍ରଦାନ ସମୟରେ କଳାହାଣ୍ଡି ଜିଲା ଶାଖା ସଭାପତି ନିରୋଜ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁ,କୋଷାଧକ୍ଷ ଅଭିରାମ ପ୍ରସାଦ ପଟ୍ଟନାୟକ, ନରେନ୍ଦ୍ର ଦାସ, ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଗୋଟିଏ ସଭାରେ ୫ ମନ୍ତ୍ରୀ

ପଦ୍ମପୁର,୨୬।୧୧(ଡି.ଏନ.ଏ.): ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବିଜୁ ଜନତା ଦଳ ତରଫରୁ ଜୋରଦାର ପ୍ରଚାର କରାଯାଉଛି। ଏହି କ୍ରମରେ ଶନିବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ସଭାରେ ରାଜ୍ୟର ବରିଷ୍ଠ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ପଦ୍ମପୁର ଜୋନ-୧ର ଗୋଟିଏ ଗୋଟିଏ ଗ୍ରାମର ନିର୍ବାଚନୀ ସଭାରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ବାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ପ୍ରମୁଖ ଯୋଗଦେଇ ବର୍ଷାଙ୍କୁ ବିପୁଳ ଭୋଟ୍‌ରେ ଜିତାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଅପରପକ୍ଷେ ବିଧାନସଭା ଶୀତକାଳୀନ ଅଧିବେଶନ ଚାଲିଥିବା ବେଳେ ସେଠାରେ ଉପସ୍ଥିତ ନ ରହି ଗୋଟିଏ ସଭାରେ ରାଜ୍ୟର ୫ ମନ୍ତ୍ରୀ ଯୋଗଦେବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

### ଟୋକନକୁ ନେଇ ତେଜୁଛି ଆନ୍ଦୋଳନ

ସରଣ୍ଡା,୨୬।୧୧(ଡି.ଏନ.ଏ): ବରଗଡ଼ ଜିଲ୍ଲାରେ ଧାନ କିଣାବିକାକୁ ନେଇ ଉପୁଜିଥିବା ସମସ୍ୟା ଅସମାହିତ ହୋଇ ପଡ଼ିଛି। ଅନ୍ୟବର୍ଷ ଭଳି ଏଥର ମଧ୍ୟ ଟୋକନ ସମସ୍ୟାରେ ଚାଷୀମାନେ ଛନ୍ଦି ହୋଇଛନ୍ତି। ଏହାକୁ ନେଇ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଉଦ୍‌ବେଗ ପ୍ରକାଶ କରିଛି। ଶନିବାର ସଙ୍ଗଠନର ଅତାବିରା ବ୍ଲକ ସଭାପତି ବିରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅତାବିରା ଆର୍‌ଏମ୍‌ସି ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧାନବିକ୍ରି ସମସ୍ୟା ନେଇ ଆଲୋଚନା ହୋଇଥିଲା। ପଞ୍ଜୀକରଣ ସମୟରେ ଚାଷୀ ଦେଉଥିବା ତଥ୍ୟରେ ତାଳମେଳ ରହୁ ନ ଥିବା, ଜମି ପରିମାଣ କମ୍ ରହୁଥିବା, ଟୋଲ ଫ୍ରି ନମ୍ବରକୁ କଲ କଲେ କେହି ରିସିଭ୍ କରୁ ନ ଥିବା ଏବଂ ଧାନ ଅମଳ ପରେ ମଧ୍ୟ ଚାଷୀଙ୍କୁ ଟୋକନ ନ ମିଳିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆସନ୍ତା ସୋମବାର ବରଗଡ଼ ଉପଜିଲାପାଳ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ, ଡିଆରସିଏସ, ଆରଏମସି ସମ୍ପାଦକ, ତହସିଲଦାର ଏବଂ ଚାଷୀ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ନିର୍ଯାସ ନ ବାହାରିଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

### ନୋଟାରେ ମତଦାନ ନିଷ୍ପତ୍ତି

ପାଇକମାଲ,୨୬।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ବିଭିନ୍ନ ପ୍ରସଙ୍ଗ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଏଥିରେ ଅଞ୍ଚଳର ଚାଷ, ଚାଷୀ ସମସ୍ୟା ଏକ ପ୍ରମୁଖ ପ୍ରସଙ୍ଗ ରହିଛି । ତେବେ ଗତ ୨୦୨୧ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସବସିଡ଼ି ପାଇ ନ ଥିବା ଯୋଗୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଶୁକ୍ରବାର ପାଇକମାଳ ଅଞ୍ଚଳରେ ଚାଷୀ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱନାଥ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳି ନ ଥିବା ଯୋଗୁ ଉଦବେଗ ପ୍ରକାଶ ପାଇଥିଲା। ଚାଷୀଙ୍କ ପ୍ରତି ଏଭଳି ଉପେକ୍ଷିତ ମନୋଭାବ ପ୍ରତିବାଦରେ ଉପନିର୍ବାଚନରେ ନୋଟା (ନନ୍ ଅଫ୍ ଦି ଏବଭ୍)ରେ ମତଦାନ କରିବାକୁ ନିଷ୍ପତ୍ତି ନିଆଯିବା ସହିତ ଏ ନେଇ ଚାଷୀ ପ୍ରତିନିଧିମାନେ ପ୍ରଚାର କରିବା ପାଇଁ ବୈଠକରେ ନିଷ୍ପତ୍ତି ନେଇଥିଲେ। ବାଳକୃଷ୍ଣ ବନଛୋର, ରାହାସବିହାରୀ ସାହୁ, ଶିବ ପ୍ରସାଦ ପ୍ରଧାନ, କିଶୋର ସାହୁ, ମହେଶ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ୨୨ ବର୍ଷର ହିସାବ ମାଗିଲେ ବୈଜୟନ୍ତ, ସମ୍ବିତ

## ବିଳାସପୁରରେ ଭାଜପାର ନିର୍ବାଚନୀ ପ୍ରଚାର

ଝାରବନ୍ଧ, ୨୬।୧୧(ଡି.ଏନ.ଏ.)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ବିଳାସପୁରଠାରେ ଅନୁଷ୍ଠିତ ଭାଜପାର ନିର୍ବାଚନୀ ସଭାରେ ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ଆସିଥିବା କେନ୍ଦ୍ର ଭାଜପାର ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ମୁଖପାତ୍ର ଡା. ସମ୍ବିତ ପାତ୍ର ଦୀର୍ଘ ୨୨ବର୍ଷ ବିଜେଡି ସରକାର ଶାସନର ହିସାବ ମାଗିଛନ୍ତି। ସରକାର ଚାଷୀମାନଙ୍କୁ ୩୩ ପ୍ରତିଶତ ଜମିରେ ଜଳସେଚନ କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ ତାହା କୁଆଡେ ଗଲା ବୋଲି ନେତୃବୃନ୍ଦ ପ୍ରଶ୍ନ କରିଛନ୍ତି। ଚାଷୀମାନଙ୍କ ବୀମା ରାଶିକୁ ରୋକିଥିବା ବିଜେଡି ଅନ୍ୟକୁ ଦୋଷାରୋପ କରୁଛି। ସବୁଥିରେ ବିଫଳ ବିଜେଡି ଶାସନରେ ଲୋକେ ଅତିଷ୍ଠ ହୋଇ ପରିବର୍ତ୍ତନ ଚାହୁଁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଧାମନଗରରେ ଲୋକେ ଦେଇସାରିଛନ୍ତି। ଚାଷୀଙ୍କ ଧାନବିକ୍ରିରେ କଟନୀ ଛଟନୀ କରି କୋଟି କୋଟି ଟଙ୍କା ଲୁଟ କରି ଏବେ ଚାଷୀଙ୍କୁ ଦୁଇ ହଜାର ଲେଖାଏଁ ଦେଇ ବାହାବା ନେଉଥିବା ଚାଷୀ ବିରୋଧୀ ସରକାରକୁ ମୂଳରୁ ଉପାଡି ଦେବା ପାଇଁ ଭାଜପା ନେତୃବୃନ୍ଦ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଆସନ୍ତା ଡିସେମ୍ବର ୫ ତାରିଖରେ ପଦ୍ମପୁରର ଭୋଟର ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ଭୋଟ୍ ଦେଇ ଜିତେଇବାକୁ ସେମାନେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ବୋଧନ ମୁର୍ମୁ, ଛତିଶଗଡ ନେତା ଚୁନିଲାଲ ସାହୁ, ରୂପକୁମାରୀ ଚୌଧୁରୀ ପ୍ରମୁଖ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଡା. ଲମ୍ବୋଦର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଗୋବର୍ଦ୍ଧନ ଅଗ୍ରୱାଲ, ମିଳନ ପାଣ୍ଡେ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଡା ମୋହନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।


ବିଳାପୁରଠାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

# ପଦ୍ମପୁରବାସୀଙ୍କ ଆଶୀର୍ବାଦ ରହିଛି : ବର୍ଷା


ଫଠାମୁଣ୍ଡାଠାରେ ବିଜେଡି ପ୍ରାର୍ଥିନୀଙ୍କ ଶୋଭାଯାତ୍ରା।

## ବିଜେଡିର ରୋଡ୍ ଶୋ

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ପଦ୍ମପୁର ଜୋନ-୧ରେ ଶନିବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ରୋଡ ଶୋ ଓ ସାଧାରଣ ସଭା କରିଥିଲେ। ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିକାଶଧାରା ଜାରି ରହିବ। ଏଥିପାଇଁ ବାପା ସ୍ୱର୍ଗତ ବିଜୟ ସିଂ ବରିହା ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଆଶୀର୍ବାଦ ମୋ ଉପରେ ରହିଛି। ମୁଁ ଏହା କଥାରେ ନୁହେଁ କାମ କରି ଦେଖାଇବି ବୋଲି କହି ଲୋକଙ୍କୁ ତାଙ୍କ ସପକ୍ଷରେ ଭୋଟ ଦେବା ପାଇଁ ବର୍ଷା ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ବର୍ଷା ପ୍ରଥମେ ବରିକେଲ ପଞ୍ଚାୟତରୁ ପ୍ରଚାର ଓ ସଭା କରିଥିଲେ। ପରେ ସେ ଭେଉଁରିଆ, ପୁରେନା, ଲୋହାରପାଲି, ମହୁଲପାଲି ଆଦି ଗ୍ରାମପଞ୍ଚାୟତର ୨୦ଟି ଗ୍ରାମରେ ରୋଡ ଶୋ ଓ ସଭା କରିଥିଲେ। ମନ୍ତ୍ରୀ ରୀତା ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମୀର ଦାଶ, ନିରଞ୍ଜନ ପୂଜାରୀ, ରୋହିତ ପୂଜାରୀ, ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

# ସ୍ୱତନ୍ତ୍ର ବ୍ଲକ ଦାବିରେ ଲଖମରା ବନ୍ଦ

ପଦ୍ମପୁର ୨୬।୧୧ (ଡିଏନଏ)

ପଦ୍ମପୁର ଉପ ଖଣ୍ଡ ପାଇକମାଳ ବ୍ଲକ ଲଖମରାକୁ ନୂତନ ବ୍ଲକର ମାନ୍ୟତା ଦାବିରେ ଶନିବାର ଲଖମରା ବନ୍ଦ ପାଳନ କରାଯାଇଛି। ପାଇକମାଳ ବ୍ଲକ ଅଧୀନରେ ଥିବା ଲଖମରାର ତହସିଲ କାର୍ଯ୍ୟାଳୟ ପଦ୍ମପୁର, ଥାନା ଝାରବନ୍ଧ ବ୍ଲକର ଜଗଦଲପୁର ପରି ଭୌଗୋଳିକ ସ୍ଥିତିରେ ରହିଛି। ତେଣୁ ଲଖମରା, ଚର୍ଦ୍ଦାପାଲି, ସରେଇକେଲା, ଜଗଦଲପୁର, ବାଦିକଟା, ବୁକୁରାମୁଣ୍ଡା ଗ୍ରାମପଞ୍ଚାୟତବାସୀ ନୂତନ ବ୍ଲକ ଦାବି ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ସରକାରଙ୍କୁ ନିବେଦନ କରାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ହଜାର ହଜାର ଲୋକ, କଲେଜ ଛାତ୍ରୀ ଶନିବାର ଏକ ଶୋଭାଯାତ୍ରାରେ ବ୍ଲକ ନାହିଁ ତ ଭୋଟ ନାହିଁ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ ଏବଂ ଗାନ୍ଧୀ ପ୍ରତିମୂର୍ତ୍ତି ଠାରେ ଧାରଣା ଦେଇଥିଲେ। ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଶୋଭାଯାତ୍ରାରେ ସାମିଲ ହୋଇ ଦାବି ପ୍ରତି ନିଜର ସମର୍ଥନ ଜଣାଇଥିଲେ। ଧାରଣାସ୍ଥାନକୁ ବିଧାୟକ ସୁଶାନ୍ତ ସିଂ ପହଞ୍ଚି ଉକ୍ତ ଦାବି ନେଇ ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଗଠନ କୋର କମିଟି ସଭାପତି କେଶବ ସାହୁ, ସମ୍ପାଦକ ସପ୍ତଲାଲ ଝଗରା, ଉପେନ୍ଦ୍ର ବେହେରା, ରାକେସ ଡନସନା, ରମାକାନ୍ତ ମିଶ୍ର, ଜଳଧର ବରିହା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ , ସରପଞ୍ଚ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ପାଇଁ ପ୍ରସ୍ତାବ ରହିଛି।



ଲଖମରାକୁ ବ୍ଲକ ଦାବିରେ ଶୋଭାଯାତ୍ରା।

## ବ୍ଲକ ନାହିଁ ତ ଭୋଟ୍ ନାହିଁ

# ପ୍ରାଥମିକ ଶିକ୍ଷକ ସଂଘର ଦସ୍ତଖତ ଅଭିଯାନ

କୋକସରା,୨୬।୧୧(ଡି.ଏନ.ଏ.)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ଚୁକ୍ତିଭିତ୍ତିକ ପଦବୀ ଉଚ୍ଛେଦ ଦାବିରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଚୁକ୍ତିଭିତ୍ତିକ ପଦବୀକୁ ଉଚ୍ଛେଦ କରିବା ସହ ୬ ବର୍ଷ ଚାକିରିକୁ ମୂଳ ଚାକିରିରେ ଗଣନା ଓ ୬ ଗୋଟି ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି କରି ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଜରିଆରେ ସରକାରଙ୍କୁ ନିଜର ଦାବି ଉପସ୍ଥାପନ କରାଯିବ । କୋକସରା ବ୍ଲକ ଶିକ୍ଷକ ସଂଘର ସଭାପତି ଭୁରିଶ୍ରବା ଜାଲ, ଉପ ସଭାପତି ବୀର କିଶୋର ନାଗ, ସମ୍ପାଦକ ସୁବାସ ଚନ୍ଦ୍ର ବାଗଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ଦୁର୍ଲ୍ଲଭ ଚନ୍ଦ୍ର ପୁଝାରି, ମଦନ ଲାଲ ନାଏକ, ଜନ୍ମେଜୟ ପ୍ରଧାନୀ, ଦିଲୀପ କୁମାର ସାହୁ, ଭୋଜରାଜ ଦୁର୍ଗା, ଅଜିତ କୁମାର ସାହୁ, ଶିକ୍ଷୟିତ୍ରୀ କୌଶଲ୍ୟା ନାଏକ ପ୍ରମୁଖ ଅଭିଯାନରେ ସାମିଲ ରହିଛନ୍ତି।

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

## ବିକାଶର ବାର୍ଷିକୋତ୍ସବ ଇଲେକ୍ଟ୍ରା

ବରଗଡ଼ ଅଫିସ୍,୨୬।୧୧

ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ ଇଲେକ୍ଟ୍ରା ୨୦୨୨-୨୩ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ବିବରଣୀ ପାଠ କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଉପସ୍ଥିତ ରହି ନୂତନ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ତାଙ୍କ ଅଭିଭାଷଣରେ ସର୍ବଭାରତୀୟ ସ୍ତରରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା ଉପରେ ଆଲୋକପାତ କରି ଏଭଳି ସଫଳତା ବିକାଶ ପାଇଁ ନୂତନ ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଅନନ୍ୟା ସୃଷ୍ଟି ଶତପଥୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବାଲ୍ୟାବସ୍ଥାରୁ ନିଜ ଲକ୍ଷ୍ୟସ୍ଥଳୀର ସ୍ୱପ୍ନ ଦେଖିବା ଉଚିତ୍ ବୋଲି କହିଥିଲେ। ବିକାଶ ଆବାସିକ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ନାମ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏବଂ ସ୍ୱତନ୍ତ୍ର ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବିକାଶର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

UTKAL UNIVERSITY
ଉତ୍କଳ ବିଶ୍ୱବିଦ୍ୟାଳୟ
୮୦ ତମ ପ୍ରତିଷ୍ଠା ଦିବସ

ଗୌରବମୟ ଅଶୀ ବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ

- ଅଖଣ୍ଡ ଭାରତର ୧୭ତମ ପ୍ରାଚୀନ ଏବଂ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ନିଜର ଶୈକ୍ଷଣିକ ଉତ୍କର୍ଷ ଏବଂ ଗୁଣାତ୍ମକ ଗବେଷଣା ପାଇଁ NAAC A+ ସ୍ୱୀକୃତି, ୟୁଜିସିର ପ୍ରଥମ ବର୍ଗର ବିଶ୍ୱବିଦ୍ୟାଳୟ ଏବଂ ୨୦୨୧ ମସିହାରେ NIRFମୂଲ୍ୟାୟନ ଅନୁକ୍ରମେ ୮୮ତମ ସ୍ଥାନରେ ସ୍ଥାନୀତ ହେବାର ଅନନ୍ୟ ଗୌରବର ଅଧିକାରୀ ହୋଇଛି। ଏହା ରାଜ୍ୟର ସର୍ବବୃହତ ଅନୁବନ୍ଧନ ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ।
- ଶିକ୍ଷା ପ୍ରଦାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ବିଭିନ୍ନ ବିଭାଗରେ ଅତିରିକ୍ତ ୩୦ଟି ସ୍ମାର୍ଟ କ୍ଲାସରୁମର ସୁବିଧା ପ୍ରଦାନ।
- ଇ-ରିସୋର୍ସକୁ ବ୍ୟବହାର କରିବା ପାଇଁ ଇ-ଲାଇବ୍ରେରୀର ସୁବିଧା କାର୍ଯ୍ୟକାରୀ ଏବଂ ଇ-ରିସୋର୍ସର ବିକାଶ ପାଇଁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଭର୍ଚୁଆଲ ଟ୍ୟୁଟୋରିଆଲ୍ ଲ୍ୟାବର ସୁବିଧା।
- ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିତ୍ତିଭୂମି ଓ ଅନୁସନ୍ଧାନ ସୁଦୃଢ଼ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଉତ୍କର୍ଷ ଓ ସମାନତା ପରିଯୋଜନା(OHEPEE) ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(RUSA) ୨.୦ରୁ ସରକାରୀ ଆର୍ଥିକ ସହାୟତା ଲାଭ।
- ଆନ୍ତଃବିଭାଗୀୟ ଗବେଷଣା, ଅଧିକ ସହଭାଗିତା ଏବଂ ଗବେଷଣାତ୍ମକ ପାଣ୍ଠିର ପ୍ରୋତ୍ସାହନ ପାଇଁ OHEPEE ଏବଂ RUSA ପ୍ରୋଗ୍ରାମ ଅଧୀନରେ ୧୦ଟି 'ସେଣ୍ଟର ଅଫ ଏକ୍ସଲେନ୍ସ(CoEs)' ସଫଳ ଭାବେ କାର୍ଯ୍ୟ କରୁଛନ୍ତି।
- ଉଚ୍ଚସ୍ତରୀୟ-ଯନ୍ତ୍ରପାତି ଏବଂ କମ୍ପ୍ୟୁଟିଂ ସୁବିଧା ଥିବା ଏକ ଉତ୍ସର୍ଗୀକୃତ 'କେନ୍ଦ୍ରୀୟ ଯନ୍ତ୍ରପାତି ସୁବିଧା କେନ୍ଦ୍ର (Centre for Innovation and Incubation(CII)ର ବିକାଶରେ ଅଗ୍ରଗତି।
- ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଗବେଷଣାତ୍ମକ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ନୂତନ ଚିନ୍ତାଧାରର ଆଦାନପ୍ରଦାନ ପାଇଁ 'Odisha Research Conclave-2021'ର ସଫଳ ଆୟୋଜନ।
- ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର.ବି.ଆଇ.)ର ସହାୟତାରେ ଅର୍ଥନୀତି ବିଭାଗରେ 'ଆର.ବି.ଆଇ ଚେୟାର'ର ପୁନରୁଦ୍ଧାର ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ସ୍ମୃତିରେ 'ପାଇକ ଚେୟାର'ର ସ୍ଥାପନା
- ଉଦ୍ୟୋଗୀ ଇକୋ ସିଷ୍ଟମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବର୍ଷ ୨୦୨୦ରୁ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର RUSA ପରିଯୋଜନା ସହାୟତାରେ ଏବଂ Utkal Entrepreneurship & Career Hub(UECH) ଅଧୀନରେ Centre for Innovation & Incubation(CII)ର ସ୍ଥାପନା କରାଯାଇଛି।
- ସ୍ୱଚ୍ଛତା ପୂର୍ବକ ଶୀଘ୍ର ଫାଇଲ ପ୍ରକ୍ରିୟାକରଣ ପାଇଁ ଇ-ଅଫିସ କାର୍ଯ୍ୟ କରୁଛି।
- ଶିକ୍ଷାଗତ ବିନିମୟ ଏବଂ ଅଧିକ ଗବେଷଣାତ୍ମକ ସହଭାଗୀତା ପାଇଁ ବହୁଜାତୀୟ ଓ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନ ସହିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି।



ପ୍ରଫେସର ସବିତା ଆଚାର୍ଯ୍ୟ
କୁଳପତି ଉତ୍କଳ ବିଶ୍ୱବିଦ୍ୟାଳୟ

ଡ଼. ଅଭୟ କୁମାର ନାୟକ, ଓ.ଏ.ଏସ.
କୁଳସଚିବ ଉତ୍କଳ ବିଶ୍ୱବିଦ୍ୟାଳୟ




# ପାଇକମାଳ ଥାନାରେ ଅଭିଯୋଗ

## କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରଲୋଭନ, ଧମକ ଘଟଣା

ପାଇକମାଲ,୨୬।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ମାହୋଲ ସରଗରମ ଥିବାବେଳେ କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରଲୋଭନ ଓ ଧମକ ଦିଆଯାଇଥିବା ନେଇ ଶନିବାର ପାଇକମାଳ ବ୍ଲକ ଟେମରି ଗ୍ରାମବାସୀ ପାଇକମାଳ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୭୦/୨୨) ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ଟେମରି ବଜାର ପ୍ରାଙ୍ଗଣରେ ଏକ ରାଜନୈତିକ ଦଳରର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଯୋଗଦେବା ପାଇଁ କେନ୍ଦୁପତ୍ର ବିଭାଗର ୨ଜଣ ଅସ୍ଥାୟୀ କର୍ମଚାରୀ କେନ୍ଦୁପତ୍ର ତୋଳାଳିମାନଙ୍କୁ କୁଆଡେ ପ୍ରଲୋଭନ ଦେବା ସହିତ ଧମକ ଦେଇଥିଲେ। ଉକ୍ତ ଦୁଇ ବ୍ୟକ୍ତି ତୁମେମାନେ ମିଟିଂକୁ ଗଲେ ବୋନସ ବାବଦକୁ ଏକ ହଜାର ଟଙ୍କା ମିଳିବ। ଆଉ ନ ଗଲେ ତୁମର ପତ୍ର ଫଡ଼ି କାର୍ଡ କଟିଯିବ ବୋଲି କହିଥିଲେ। ଏହାସହିତ ମହିଳାମାନଙ୍କୁ ଅଶାଳୀନ ବ୍ୟବହାର ମଧ୍ୟ କରିଥିଲେ। ଏହାର ପ୍ରତିବାଦରେ ଟେମରି ଗ୍ରାମର ମହିଳାପୁରୁଷ ଶନିବାର ପାଇକମାଳ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡେଇଙ୍କୁ ପଚାରିବାରୁ ୨ଜଣଙ୍କ ନାମରେ ଏକ ମାମଲା ହୋଇଛି ଏବଂ ତଦନ୍ତ ଚାଲିଛି ବୋଲି ସେ କହିଥିଲେ।


ଗ୍ରାମବାସୀ ପାଇକମାଳ ଥାନାରେ ଅଭିଯୋଗ କରୁଛନ୍ତି।

# ହକି ବିଶ୍ୱକପ୍ ସମୟରେ ପଲ୍ଲୀଶ୍ରୀ ମେଳା



ବୈଠକରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀମାନେ ମଞ୍ଚାସୀନ।

- ଜିଲାର ଉନ୍ନୟନ ପ୍ରଦର୍ଶନୀ, ଖାଦ୍ୟ ମେଳା, ମିନା ବଜାର
- କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ

**ଦେବଗଡ଼, ୨୬।୧୧(ଡି.ଏନ୍.ଏ.)**

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସର୍ବପ୍ରଥମେ ଅତିରିକ୍ତ ଜିଲାପାଳ ରେବେକା ବିଲୁଂ ଭାରତର ସମ୍ବିଧାନ ପ୍ରସ୍ତାବନା ଶପଥ ପାଠ କରାଇଥିଲେ। ପରେ ରାଜ୍ୟରେ ହକି ବିଶ୍ୱକପ ଆୟୋଜନ ସମୟରେ ଦେବଗଡ଼ ଜିଲାରେ ପଲ୍ଲୀଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା, ଜିଲାର ଉନ୍ନୟନ ପ୍ରଦର୍ଶନୀ ମଣ୍ଡପ, ମିନା ବଜାର, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଏକ ବୈଠକ ଆୟୋଜନ କରାଯାଇଥିଲା। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସେ କହିଲେ ଯେ, ରାଜ୍ୟରେ ପୁରୁଷ ହକି ବିଶ୍ୱକପ ଆୟୋଜନ ପରିପ୍ରେକ୍ଷୀରେ ସାରା ରାଜ୍ୟକୁ ଉତ୍ସବ ମୁଖର କରିବାକୁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ୨୦୨୩ ଜାନୁଆରୀ ୧୩ ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ଜିଲାରେ ପଲ୍ଲୀଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା, ଜିଲାର ଉନ୍ନୟନ ପ୍ରଦର୍ଶନୀ ମଣ୍ଡପ, ମିନା ବଜାର, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେବଗଡ ଜିଲାରେ ୨୦୨୩ ଜାନୁୟାରୀ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଧାନପାଟ ଓ ବଡ଼ ବାଗିଚାଠାରେ ୫ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହେବ।

ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ଅତିରିକ୍ତ ଜିଲାପାଳ ରେବେକା ବିଲୁଂ, ପିଡି ଡିଆରଡିଏ ଲୁକାସ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ମଞ୍ଚାସୀନ ରହି ନିଜ ବକ୍ତବ୍ୟ ଦେଇଥିଲେ। ସରକାରୀ ନିର୍ଦ୍ଦେଶକ ଓରମାସ ଶୁବଳ କୁମାର୍ ଜେନାମଣି ସର୍ବପ୍ରଥମେ ପ୍ରାରମ୍ଭିକ ସୂଚନା ଓ ପଲ୍ଲୀଶ୍ରୀ ମେଳା ଆୟୋଜନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଉତ୍ସବ ପ୍ରଧାନପାଟ ଲୋଗୋ ନୂତନ ଲୋଗୋ କରିବା ପାଇଁ ପ୍ରସ୍ତାବିତ କରାଯାଇଥିଲା। ଇଚ୍ଛୁକ ଲୋଗୋ ଅଙ୍କନ କରି ଜିଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଡିସେମ୍ବର ୫ ତାରିଖ ସୁଦ୍ଧା ଦେବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଓ ତିନି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଶେଷରେ ଡିଆଇପିଆର୍‌ଓ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୋଲ ଉପରୁ ପଡ଼ି ଯୁବକ ମୃତ

**ରାଜଗାଙ୍ଗପୁର, ୨୬।୧୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା କାଂସବାହାଲ ଫାଣ୍ଡି ଅଧିନସ୍ଥ ମାଣ୍ଡିଆକୁଦର ପୋଲ ଉପରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରାଜଗାଙ୍ଗପୁର ଓସିଏଲ ଡେଲିମାର୍କେଟ ନିବାସୀ ରିତୁ ବରୁଆ (୩୬) ଏକ ମୋଟରସାଇକେଲ ଯୋଗେ ଘରୁ ବାହାରି ରାଉରକେଲା ଯାଇଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟାରେ ଘରକୁ ଫେରିବା ସମୟରେ ମାଣ୍ଡିଆକୁଦର ପୋଲ ଉପରୁ ମୋଟରସାଇକେଲ ସହ ତଳକୁ ଖସି ପଡିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଏହି ଘଟଣା କେହି ଜାଣି ପାରି ନ ଥିଲେ। ଶୁକ୍ରବାର ରାତି ୯ଟା ୩୦ ମିନିଟଠାରୁ ତାଙ୍କ ଘର ଲୋକ ଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ। ଶନିବାର ସକାଳୁ ମାଣ୍ଡିଆକୁଦର ଅଞ୍ଚଳର ଲୋକେ ପୋଲତଳେ ମୋଟରସାଇକେଲ ଓ ଜଣେ ଯୁବକ ପଡିରହିଥିବାର ଦେଖି ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ଓ ବିଜୟ କରଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୋଟରସାଇକେଲ ଓ ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ ଓ ଘଟଣାଟି ଜଣାପଡ଼ିଥିଲା।

### କାର ଓଲଟି ଗୋଟିଏ ପରିବାରର ୩ ଆହତ



**ବଡ଼ଗାଁ, ୨୬।୧୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖୁଣ୍ଟମୁଣ୍ଡା ନିକଟ ରାଜ୍ୟ ରାଜପଥରେ ଶନିବାର ଏକ କାର ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଛି। ଫଳରେ ୩ଜଣ ଆହତ ହୋଇଛନ୍ତି। ଛତିଶଗଡ଼ ରାଜ୍ୟ ରାଞ୍ଚି ଯାଉଥିବା କାର ଚାଳକ ଅତୁଲ କୁମାର ଶ୍ରୀବାସ୍ତବ, ତାଙ୍କ ସ୍ତ୍ରୀ ଅନୁପମା(୪୮) ଓ ତାଙ୍କ ମା ମାୟା(୭୦) ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଅତୁଲଙ୍କ ଜଣେ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ପରିବାର ସହିତ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଲହୁଣୀପଡ଼ାରେ ସମ୍ବିଧାନ ଦିବସ ପାଳିତ

**ଲହୁଣୀପଡା,୨୬।୧୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶନିବାର ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁଙ୍କ ଅଧକ୍ଷତାରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଲହୁଣୀପଡା ଅତିରିକ୍ତ ତହସିଲଦାର ଲୋକେଶ କୁମାର ରଥ, ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ସାହୁ, ନୃସିଂହ ଚରଣ ସାହୁ, ରଶ୍ମିତା ମାହାନ୍ତ ଯୋଗଦେଇ ସମ୍ବିଧାନ ଦିବସ ପାଳନ ଉପଲକ୍ଷେ ବିସ୍ତୃତ ଭାବରେ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ କୈଳାସ ଚନ୍ଦ୍ର ମାହାନ୍ତ, ଦିନେଶ ମାହାନ୍ତ, କମଳା ମାହାନ୍ତ, ନିରଞ୍ଜନ ମାହାନ୍ତ, ଗଣେଶ ପ୍ରସାଦ ବିଶ୍ୱାଳ, ଆଲବିଶ ମୁଣ୍ଡା,ଅମରେନ୍ଦ୍ର ସାହୁ, ଦିଲ୍ଲୀପ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ୫୦୫୦ କିଲୋ ପୋଚ, ୩୩୦ ଲିଟର ଦେଶୀ ମହୁଲି ମଦ ନଷ୍ଟ



ପୋଲିସ ଓ ଅବକାରୀ ବିଭାଗ ଚଢାଉ କରୁଛନ୍ତି।

**ରାଏଡିହି ଜଙ୍ଗଲ ନିକଟ ନାଳ କଡ଼ରେ ଚଢାଉ କଲା ପୋଲିସ, ଅବକାରୀ ବିଭାଗ**

**ବଡ଼ଗାଁ, ୨୬।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରାଏଡିହି ଜଙ୍ଗଲ ନିକଟ ନାଳ କଡ଼ରୁ ପୋଲିସ ଓ ଅବକାରୀ ବିଭାଗ ୫ହଜାର ୫୦ କିଲୋ ମହୁଲ ପୋଚ ଓ ୩୩୦ ଲିଟର ଦେଶୀ ମହୁଲି ମଦ ଜବତ କରି ସେଗୁଡିକୁ ନଷ୍ଟ କରିଛନ୍ତି। କୌଣସି ସୂତ୍ରରୁ ସୂଚନା ପାଇ ବଡ଼ଗାଁ ଥାନା ଏଏସ୍ଆଇ ଗୋପିନାଥ ଓଝା, ଅବକାରୀ ବିଭାଗର ସୁନ୍ଦରଗଡ଼ ସଦର ଇନ୍ସପେକ୍ଟର ରବି ନାରାୟଣ ପ୍ରଧାନ, ଯାଜ୍ଞସେନି ପ୍ରଧାନ, କୁଚିଣ୍ଡା ରେଞ୍ଜର ଇନ୍ସପେକ୍ଟର ଏ ମାଝୀ, ସବଇନ୍ସପେକ୍ଟର ହୀରା ଦଳପତି, ବଡ଼ଗାଁ ସବଇନ୍ସପେକ୍ଟର ରାଜେଶ ପଟେଲ ସଦଳବଳ ଚଢାଉ କରିଥିଲେ। ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଆସୁଥିବା ଜାଣି ମଦ ରାନ୍ଧୁଥିବା ଲୋକେ ଦୌଡ଼ି ପଳାଇଥିଲେ। ନାଳ କଡ଼ରେ ପ୍ରତି ୫୦ ମିଟର ବ୍ୟବଧାନରେ ଲୋକେ କୁଟୀର ଶିଳ୍ପ ଭଳି ୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମଦ ରାନ୍ଧୁଥିବା ଦେଖି ଅଧିକାରୀମାନେ ଚକିତ ହୋଇଯାଇଥିଲେ। ଏଠାରେ ଆଖପାଖ ଅଞ୍ଚଳର କେତେକ ବ୍ୟକ୍ତି ଦୀର୍ଘ ବର୍ଷ ହେଲା ମଦ ରାନ୍ଧି ବଡ଼ଗାଁ ଓ ବାମଡା ଅଞ୍ଚଳକୁ ଚାଲାଣ କରିଆସୁଛନ୍ତି। କରୋନା କାଳରେ ଏହି କାରବାର ବୃଦ୍ଧି ପାଇଥିଲା। ବର୍ତ୍ତମାନ କୁଟିର ଶିଳ୍ପରେ ପରିଣତ ହୋଇଛି।

# ବଡ଼ଗାଁ ଡିଗ୍ରୀ କଲେଜରେ ସମ୍ବିଧାନ ଦିବସ

**ବଡ଼ଗାଁ, ୧୬।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଡିଗ୍ରୀ କଲେଜରେ ଶନିବାର ପୂର୍ବାହ୍ନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଲେଜର ଅଧକ୍ଷା ବନଜା ରାଣୀ ଷଡଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସଭା ରେ ବିଡ଼ିଓ କ୍ଷମାନିଧି ଭୋଇ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷା ଷଡଙ୍ଗୀ ସମ୍ବିଧାନ ଦିବସର ଗୁରୁତ୍ୱ ଏବଂ ଭାରତୀୟ ସମ୍ବିଧାନର ଉତ୍ପତ୍ତି ବିଷୟରେ ଆଲୋକପାତ କରିଥିଲେ। ସଭାର ମହତ୍ତ୍ୱ ଏବଂ ଉତ୍ତମ ନାଗରିକତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଡ଼ିଓ ଭୋଇ ସମ୍ବିଧାନକୁ ମାଆ ବୋଲି ଅଭିହିତ କରିଥିଲେ। ଏହାର ସଫଳତା ପାଇଁ ସଚେତନତା ଆବଶ୍ୟକ କହିଥିଲେ। ଏହି ଅବସରରେ ସେ ଭୋଟର ତାଲିକାରେ ସ୍ଥାନିତ ହେବା ପାଇଁ ପଞ୍ଜୀକରଣ କିପରି କରିବେ ଛାତ୍ରୀ ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ର ଅଧାପକ ହେମନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲାବେଳେ ଅଧାପକ ଅଧାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ଦେବଗଡ଼ରେ ସମ୍ବିଧାନ ଦିବସ

**ଦେବଗଡ,୨୬।୧୧(ଡି.ଏନ୍.ଏ)**

ଜିଲା ଭାଜପା ଏସସି ମୋର୍ଚ୍ଚା ପକ୍ଷରୁ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପ୍ରଧାନପାଟସ୍ଥିତ ବସନ୍ତ ନିବାସଠାରେ ଭାଜପା ଏସସି ମୋର୍ଚ୍ଚାର ଜିଲା ସଭାପତି ତଥା ପୌରପରିଷଦର ଉପନଗରପାଳ ପ୍ରଜିତ ଭୋଜ (ଝୁନୁ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର କାର୍ତ୍ତିକ ମହାକୁଳ, ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ଅନିରୁଦ୍ଧ ନାୟକ, ଶତ୍ରୁଘ୍ନ ପାତ୍ର, ତନ୍ମୟ ଦାଶ, ସୁରୁ ପାତ୍ର, ଦେବାନନ୍ଦ ନାୟକ, ସୁମନ୍ତ ଭୋଜ, ଜଗା ରଣଜିତ, ବଳରାମ ରଣଜିତ, ଛବିଳ ପାତ୍ର, ମହାଦେବ ନାୟକ, ଡୋଳାମଣି ସୁହୁଲା, କମଳ ମୁଖୀ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ ।

## ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ବିଧାନ ଦିବସ

**ସୁନ୍ଦରଗଡ଼,୨୬।୧୧(ଡି.ଏନ.ଏ. )**

ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ନାରୀ କଲ୍ୟାଣ କେନ୍ଦ୍ର ପରିସରରେ ସମ୍ବିଧାନ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାରତର ସମ୍ବିଧାନର ମର୍ଯ୍ୟାଦା ଓ ସମ୍ବିଧାନର ପ୍ରଣେତା ଡ. ବି ଆର ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏ ସଭାରେ ଓକିଲ ସଂଘର ସଭାପତି କମଳ ସେନ, ବରିଷ୍ଠ ସଭ୍ୟ ଅରୁଣ କୁମାର ପୃଷେଟ, ପ୍ରଣବ ସିଂ, ଜିଲା ସାଧାରଣ ସମ୍ପାଦକ କାଳୀପଦ ସାମଲ, ପ୍ରଦେଶ ସେବାଦଳ ସମ୍ପାଦକ ମୁନୁ ସରାଫ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ଦେବାଶିଷ ଦାସ, ବିଶାମିତ୍ର ପ୍ରଧାନ, ସତ୍ୟ ନାରାୟଣ ସାହୁ, ଲବଣୀ ବାଗ, ସୁନ୍ଦରଲାଲ ଶର୍ମା, ଚଗନୀ ସାହୁରଞ୍ଜନ ସୋରେଙ୍ଗ, ହିତେଶ୍ୱର ତନ୍ତୀ, ବେଣୁଧର ପାତ୍ର, ତଥା ଅନେକ କଂଗ୍ରେସ କର୍ମୀ ଯୋଗଦାନ କରି ନିଜର ଗୁରୁଦାୟିତ୍ୱ ନେବା ପାଇଁ ଅନୁରୋଧ କରିଥିଲେ ।

# 'ଆମ ଶିଶୁ ଆମ ସମ୍ମାନ' କାର୍ଯ୍ୟକ୍ରମ

**ବଡ଼ଗାଁ, ୨୬।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦେଓକରଣପୁର ହାଇସ୍କୁଲ ରେ ଶୁକ୍ରବାର ଏକ ଅଭିନବ କାର୍ଯ୍ୟକ୍ରମ 'ଆମ ଶିଶୁ ଆମ ସମ୍ମାନ' ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଜଗବନ୍ଧୁ ମହାନ୍ତିଙ୍କ ଉଦ୍ୟମ ଓ ପ୍ରୋତ୍ସାହନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମେନକା କାଲୋ ଓ ହାଇସ୍କୁଲର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯକ୍ରମର ଉଦ୍ୟୋକ୍ତା ମହାନ୍ତି ଏମିତି କାର୍ଯ୍ୟକ୍ରମ କରାଯିବାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମାଜର ଅବହେଳିତ ଓ ପଛୁଆବର୍ଗର ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା, ସୁପରାମର୍ଶ ଓ ସୁଯୋଗ ଏବଂ ସହାୟତା ମାଧମରେ ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ଭବିଷ୍ୟତକୁ ଉଜ୍ଜଳମୟ କରିବା ସଙ୍ଗେ ସଙ୍ଗେ ଏକ ସୁନ୍ଦର୍ ଓ ସମୃଦ୍ଧ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହିଥିଲେ। ସରପଞ୍ଚ କାଲୋ କହିଥିଲେ, ଶିଶୁମାନେ ହେଉଛନ୍ତି ରାଷ୍ଟ୍ରର ସମ୍ପଦ। ତେଣୁ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେଉଛି ସେହି ପିଲାମାନଙ୍କ ଭବିଷ୍ୟତ ତିଆରି ନିମନ୍ତେ ଯତ୍ନବାନ ହେବା। ଏଭଳି କାର୍ଯ୍ୟକ୍ରମ 'ଆମ ଶିଶୁ ଆମ ସମ୍ମାନ' ଏକ ଉନ୍ନତ ଚିନ୍ତାଧାରା ଉପରେ ପର୍ଯ୍ୟବେସିତ। ଆମେ ସମସ୍ତେ ଏଥିରେ ସାମିଲ ହୋଇ ପିଲାମାନଙ୍କ ପାଇଁ କିଛି ତ୍ୟାଗ କରିବା ଦରକାର। ପ୍ରଧାନ ଶିକ୍ଷକ ମାଝୀ କହିଥିଲେ, ଆମେ ସମସ୍ତେ ସାମାଜିକ ପ୍ରାଣୀ, ଆମ ସମସ୍ତଙ୍କ ମଧରେ କିଛି କିଛି ସାମାଜିକ ଦାୟିତ୍ୱବଦ୍ଧତା ରହିବା ଦରକାର। ଆମ ଶିଶୁ ଆମ ସମ୍ମାନ ଏକ ସୁଯୋଗ ସୃଷ୍ଟି କରିବ ଆଗକୁ ବଢିବା ପାଇଁ। ଏହି କାର୍ଯ୍ୟକ୍ରମରେ ୧୭ ଜଣ ଆର୍ଥିକ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କୁ ଖାତା ଓ କଲମ ଅତିଥିମାନେ ବଣ୍ଟନ କରିଥିଲେ।



ଛାତ୍ରୀଛାତ୍ରଙ୍କୁ ଖାତା ଓ କଲମ ବଣ୍ଟନ କରାଯାଉଛି।

ଉତ୍କଳ ବିଶ୍ୱବିଦ୍ୟାଳୟ
UTKAL UNIVERSITY
୮୦ ତମ ପ୍ରତିଷ୍ଠା ଦିବସ

ଗୌରବମୟ ଅଶୀ ବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ

- ଅଖଣ୍ଡ ଭାରତର ୧୭ତମ ପ୍ରାଚୀନ ଏବଂ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ନିଜର ଶୈକ୍ଷଣିକ ଉତ୍କର୍ଷ ଏବଂ ଗୁଣାତ୍ମକ ଗବେଷଣା ପାଇଁ NAAC A+ ସ୍ୱୀକୃତି, ୟୁଜିସିର ପ୍ରଥମ ବର୍ଗର ବିଶ୍ୱବିଦ୍ୟାଳୟ ଏବଂ ୨୦୨୧ ମସିହାରେ NIRFମୂଲ୍ୟାୟନ ଅନୁକ୍ରମେ ୮୮ତମ ସ୍ଥାନରେ ସ୍ଥାନୀତ ହେବାର ଅନନ୍ୟ ଗୌରବର ଅଧିକାରୀ ହୋଇଛି। ଏହା ରାଜ୍ୟର ସର୍ବବୃହତ ଅନୁବନ୍ଧନ ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ।
- ଶିକ୍ଷା ପ୍ରଦାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ବିଭିନ୍ନ ବିଭାଗରେ ଅତିରିକ୍ତ ୩୦ଟି ସ୍ମାର୍ଟ କ୍ଲାସରୁମର ସୁବିଧା ପ୍ରଦାନ।
- ଇ-ରିସୋର୍ସକୁ ବ୍ୟବହାର କରିବା ପାଇଁ ଇ-ଲାଇବ୍ରେରୀର ସୁବିଧା କାର୍ଯ୍ୟକାରୀ ଏବଂ ଇ-ରିସୋର୍ସର ବିକାଶ ପାଇଁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଭର୍ଚୁଆଲ ଟ୍ୟୁଟୋରିଆଲ୍ ଲ୍ୟାବର ସୁବିଧା।
- ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିତ୍ତିଭୂମି ଓ ଅନୁସନ୍ଧାନ ସୁଦୃଢ଼ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଉତ୍କର୍ଷ ଓ ସମାନତା ପରିଯୋଜନା(OHEPEE) ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(RUSA) ୨.୦ରୁ ସରକାରୀ ଆର୍ଥିକ ସହାୟତା ଲାଭ।
- ଆନ୍ତଃବିଭାଗୀୟ ଗବେଷଣା, ଅଧିକ ସହଭାଗିତା ଏବଂ ଗବେଷଣାତ୍ମକ ପାଣ୍ଠିର ପ୍ରୋତ୍ସାହନ ପାଇଁ OHEPEE ଏବଂ RUSA ପ୍ରୋଗ୍ରାମ ଅଧୀନରେ ୧୦ଟି 'ସେଣ୍ଟର ଅଫ ଏକ୍ସଲେନ୍ସ(CoEs)' ସଫଳ ଭାବେ କାର୍ଯ୍ୟ କରୁଛନ୍ତି।
- ଉଚ୍ଚସ୍ତରୀୟ-ଯନ୍ତ୍ରପାତି ଏବଂ କମ୍ପ୍ୟୁଟିଂ ସୁବିଧା ଥିବା ଏକ ଉତ୍ସର୍ଗୀକୃତ 'କେନ୍ଦ୍ରୀୟ ଯନ୍ତ୍ରପାତି ସୁବିଧା କେନ୍ଦ୍ର (Centre for Innovation and Incubation(CII)ର ବିକାଶରେ ଅଗ୍ରଗତି।
- ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଗବେଷଣାତ୍ମକ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ନୂତନ ଚିନ୍ତାଧାରର ଆଦାନପ୍ରଦାନ ପାଇଁ 'Odisha Research Conclave-2021'ର ସଫଳ ଆୟୋଜନ।
- ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର.ବି.ଆଇ.)ର ସହାୟତାରେ ଅର୍ଥନୀତି ବିଭାଗରେ 'ଆର.ବି.ଆଇ ଚେୟାର'ର ପୁନରୁଦ୍ଧାର ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ସ୍ମୃତିରେ 'ପାଇକ ଚେୟାର'ର ସ୍ଥାପନା
- ଉଦ୍ୟୋଗୀ ଇକୋ ସିଷ୍ଟମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବର୍ଷ ୨୦୨୦ରୁ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର RUSA ପରିଯୋଜନା ସହାୟତାରେ ଏବଂ Utkal Entrepreneurship & Career Hub(UECH) ଅଧୀନରେ Centre for Innovation & Incubation(CII)ର ସ୍ଥାପନା କରାଯାଇଛି।
- ସ୍ୱଚ୍ଛତା ପୂର୍ବକ ଶୀଘ୍ର ଫାଇଲ ପ୍ରକ୍ରିୟାକରଣ ପାଇଁ ଇ-ଅଫିସ କାର୍ଯ୍ୟ କରୁଛି।
- ଶିକ୍ଷାଗତ ବିନିମୟ ଏବଂ ଅଧିକ ଗବେଷଣାତ୍ମକ ସହଭାଗୀତା ପାଇଁ ବହୁଜାତୀୟ ଓ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନ ସହିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି।

ପ୍ରଫେସର ସବିତା ଆଚାର୍ଯ୍ୟ
କୁଳପତି ଉତ୍କଳ ବିଶ୍ୱବିଦ୍ୟାଳୟ

ଡ଼. ଅଭୟ କୁମାର ନାୟକ, ଓ.ଏ.ଏସ.
କୁଳସଚିବ ଉତ୍କଳ ବିଶ୍ୱବିଦ୍ୟାଳୟ







# ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି



**ରିଆମାଳ, ୨୬।୧୧(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଟିଙ୍କବୀରରେ ଚଳିତଥର ପୁଣି ଥରେ ଆୟୋଜିତ ହେବ ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ ଟୁର୍ନାମେଣ୍ଟ। କରୋନା ପାଇଁ ୨ବର୍ଷ ଧରି ବନ୍ଦ ଥିବା ଏହି ଟୁର୍ନାମେଣ୍ଟ ଆସନ୍ତା ୨୦୨୩ ଜାନୁୟାରୀ ୧୭ରୁ ଆରମ୍ଭ ହେବ। ନେତାଜୀ ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟ ପାଇଁ ଶନିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂଘ କୋଷାଧ୍ୟକ୍ଷ ଅଜିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଚଳିତ ଥର ଟୁର୍ନାମେଣ୍ଟ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଲିଲୁ ଦଳବେହେରା ସଭାପତି ଓ ସୁଧାଂଶୁ ଶେଖର ସାହୁ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି କୋଷାଧ୍ୟକ୍ଷ ଓ ଉପ-କୋଷାଧ୍ୟକ୍ଷ ଭାବେ ରିତେଶ ବେହେରା ଓ ସିତୁନ ସାହୁଙ୍କୁ ସର୍ବସମ୍ମତିରେ ଚୟନ କରାଯାଇଛି। ପରିଚାଳନା କମିଟିରେ ବିଦ୍ୟୁତ ସାହୁ, ସୂର୍ଯ୍ୟକାନ୍ତ ଜ୍ୟୋତିଷ, ସୁଶାନ୍ତ ବେହେରା, ଗିରି ସାହୁ, ପଲଟୁ ସାହୁ ଓ ଆର୍ଥିକ ପରିଚାଳନା କମିଟିରେ ବିକାଶ କୁମାର ସ୍ୱାଇଁ, ପିଙ୍କୁ ପ୍ରଧାନ, ବିଷ୍ଣୁ ସାହୁ, ଟୁନା ନାୟକ, ଅମିତ ପ୍ରଧାନ, ରିଙ୍କୁ ନାୟକ ଏବଂ ଶ୍ରବଣ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ସଞ୍ଜୀବ ବେହେରା, କୁନା ସାହୁ, ଖଗେଶ୍ୱର ସେଠ, ମିକୁ ସାହୁ, ପିଣ୍ଟୁ ସାହୁ, ପିଣ୍ଟିସ ପ୍ରଧାନ, ଦୀପକ ମାଝୀ ଉପଦେଷ୍ଟା କମିଟିରେ ଅଛନ୍ତି। ତେବେ ଏଥର ଟୁର୍ନାମେଣ୍ଟକୁ ଅଧିକ ଆକର୍ଷଣୀୟ କରିବାକୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଦଳ ଏଥର ଟୁର୍ନାମେଣ୍ଟରେ ଭାଗ ନେବେ।

## ସିଭିଲ କୋର୍ଟରେ ସମ୍ବିଧାନ ଦିବସ ପାଳିତ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ କନଫରେନ୍ସ ହଲରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଛି। ସ୍ଥାନୀୟ ତାଲୁକ ଆଇନ ସହାୟତା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସବ୍‌ଜଜ୍ ଅଲେଖ କୁମାର ପ୍ରଧାନ, ଜେଏମଏଫସି ଶାଶ୍ୱତୀ ମହାପାତ୍ର ମଞ୍ଚାସୀନ ଥିଲେ। ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ଦୁଃଖିଶ୍ୟାମ ଗୁରୁ, ଅଭିମନ୍ୟୁ ନାଗ ସୂଚନା ଦେଇଥିଲେ। ଲିଗାଲ ଭୋଲେଣ୍ଟିୟର ଗୋବିନ୍ଦ ତାଣ୍ଡି ସମ୍ବିଧାନ ପ୍ରଦତ୍ତ ବିଭିନ୍ନ ଅଧିକାର ଉପରେ ମତ ରଖିଲେ।

## ସଂକ୍ଷେପରେ

### ଯୁରିଆରେ ଖୋଲିଲା ଧାନମଣ୍ଡି

ଖପ୍ରାଖୋଲ,୨୬।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଯୁରିଆଠାରେ ଖରିଫ ଋତୁ ପାଇଁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ପାଟଣାଗଡ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ ପୂଜା ପାଠ ସହ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ଆର୍‌ଏମସି ସମ୍ପାଦକ କେ.ଗଡ଼ତ୍ୟା ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ସମବାୟ ସମିତି ସଭାପତି କନ୍ଦର୍ପ ସୁଆର ପରିଚାଳନା କରିଥିଲେ। ଗୋପ ସାହୁ, ଦୀନବନ୍ଧୁ ମେହେର, ବିଜୟ ଯୋଶୀ, ଲଳିତ ପଟେଲ, ସୁଦାମ ସୁଆର, ଅନ୍ତର୍ଯ୍ୟାମୀ ଦାଶ, ସୁବଳ ଚାନ୍ଦ, ବିକାଶ ମେହେର, ସମ୍ପାଦକ ଶ୍ରୀପତି ଭୋଇ, ଡିଇଓ ଯଦୁ ରଣାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

### ବ୍ୟାଙ୍କ ସଂଯୁକ୍ତ କର୍ମଶାଳା

ଲୋଇସିଂହା,୨।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଓଡିଶା ଜୀବିକା ମିଶନ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ମିଳିତ ଆନୁକୂଲ୍ୟରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା ପାଇଁ ବ୍ୟାଙ୍କ ସଂଯୁକ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ପ୍ରଜ୍ଞାରାଣୀ ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମିଶନଶକ୍ତି ବ୍ଲକ ସଂଯୋଜିକା ସ୍ୱର୍ଣ୍ଣପ୍ରଭା ନାଗ, ଓଡିଶା ଜୀବିକା ମିଶନର ବିପିଏମ ମଧୁସ୍ମିତା ବିଶ୍ୱାଳ, ବିଏଲଏସି ପ୍ରଭାସିନୀ ପଟ୍ଟନାୟକ, ବିପିଏସିଏ ଅଭିନନ୍ଦନ ସ୍ୱାଇଁ, ବିଏଲଫ ସମ୍ପାଦିକା ପ୍ରଣତୀ ଗଡତ୍ୟା ଅତିଥିଭାବେ ଯୋଗଦେଇଥିଲେ। ସିଆରପି, ଦକ୍ଷ ନଥିପତ୍ର ଲେଖିକା(ଏମବିକେ),ବ୍ଲକସ୍ତରୀୟ ମହାସଂଘ(ବିଏଲଫ), ପଞ୍ଚାୟତସ୍ତରୀୟ ସଭାନେତ୍ରୀ, ସମ୍ପାଦିକ(ଜିପିଏଲଫ) କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ବ୍ଲକର ୨୦ ପଞ୍ଚାୟତ ଅଧୀନରେ ଥିବା ୧୭ ଶହ ସ୍ୱୟଂସହାୟକ ଗୋଷ୍ଠୀ ପରିଚାଳନା ପାଇଁ ଯଥା ସ୍ୱୟଂସହାୟକ ଗୋଷ୍ଠୀ କିପରି ସ୍ୱାବଲମ୍ବୀ ହୋଇ ପାରିବେ, ବ୍ୟାଙ୍କ କାରବାର କରିବେ ଏବଂ ଋଣ ଆସୁଲ ହୋଇ ପାରିବ ଅତିଥି ତାଲିମ ପ୍ରଦାନ କରିଥିଲେ।

### ମାଟ୍ରିକ ସଣ୍ଟେଟିଭ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ଧାରଣା

ଟିଟିଲାଗଡ, ୨୬।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ପରସରା ପଞ୍ଚାୟତ ହାଇସ୍କୁଲର ୪୭ ଛାତ୍ରୀଛାତ୍ର ଚଳିତ ମାଟ୍ରିକ ସଣ୍ଟେଟିଭ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଶନିବାର ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ନିଜ ଅଭିଭାବକଙ୍କ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଟଙ୍କା ନେଇଥିଲେ, ହେଲେ ଆଡମିଟ କାର୍ଡ ଦେଲେନାହିଁ। ଫଳରେ ବର୍ଷଟିଏ ନଷ୍ଟ ହୋଇଛି। ଏଭଳି ଅଭିଯୋଗ କରି ଅଭିଭାବକ ଟିଟିଲାଗଡ ଭାରପ୍ରାପ୍ତ ଉପଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ସାକ୍ଷାତ କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି ଯେ, ବିଦ୍ୟାଳୟରେ ୧୬୯ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୨ଜଣ ଫର୍ମ ପୂରଣ କରିଥିଲେ। ଯେଉଁମାନେ ଏବେ ଅଭିଯୋଗ ଆଣିଛନ୍ତି ସେମାନେ ଫର୍ମ ପୂରଣ କରି ନ ଥିଲେ। ସେଥିପାଇଁ ସେମାନଙ୍କ ଆଡମିଟ କାର୍ଡ ଆସିନାହିଁ।

# ‘ସମ୍ବିଧାନକୁ ଗୁରୁତ୍ୱ ଦେଲେ ରାଷ୍ଟ୍ରର ପ୍ରଗତି ହେବ’

ବଲାଙ୍ଗୀର ଅଫିସ,୨୬।୧୧

ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ହଲରେ ଶନିବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ୭୩ତମ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପଜିଲାପାଳ କୁମାର ନାଗଭୂଷଣ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ସଂଯୋଜକ ନରସିଂହା କୁମାର, ତାଲିମଦାତା ଅଶୋକ କୁମାର ମେହେର ଓ ଅଧ୍ୟାପକ ଦେବଦତ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ନିଜ ସମ୍ବିଧାନ ବିଷୟରେ ସମସ୍ତେ ଜାଣିବା ଏବଂ ଅନ୍ୟକୁ ସଚେତନ କରିବା ପାଇଁ ଅତିଥିମାନେ କହିଥିଲେ। ଏହାସହିତ ନାଗରିକଙ୍କ ଭୋଟ ଦେବା ଅଧିକାରକୁ ଠିକ ଭାବେ ସାବ୍ୟସ୍ତ କରିବା ଉପରେ ମୁଖ୍ୟଅତିଥି କହିଥିଲେ। ସଭା ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ବିଧାନ ବିଷୟକୁ ନେଇ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏନଏସଏସ ଡିପିଓ ହେମନ୍ତ କୁମାର ମଲ୍ଲିକ ପରିଚାଳନା କରିଥିଲେ। ଶେଷରେ ଲେଖାପାଳ ବିପିନ ବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସମ୍ବିଧାନ ପ୍ରଣେତା ଡ଼ ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ସାମିରେଡ୍ଡି ଜୟଶ୍ରୀ ଯୋଗଦେଇ ଡ଼. ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭାରତର ସମ୍ବିଧାନ ପ୍ରସ୍ତାବନା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭାରତର ସମ୍ବିଧାନ ପ୍ରସ୍ତାବନା ପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ରୀନା ନାଏକ, ଦିବାକର ବାଗ, ଈପ୍ସିତା ପାତ୍ର, ସହକାରୀ ଜିଲାପାଳ ଦିଲୀପ କୁମାର ମାଝି, ଆଦିତ୍ୟ ପ୍ରସାଦ ଦଳବେହେରା, ଭାରପ୍ରାପ୍ତ କ୍ରୀଡା ଅଧିକାରୀ ପରାଶର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଲାଙ୍ଗୀର ଜିଲା ବହୁଜନ ପରିବାର ତଥା ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ବିଧାନ ଦିବସ ସ୍ଥାନୀୟ ଟାଉନ ହଲରେ ପାଳିତ ହୋଇଥିଲା। ବାସୁଦେବ ମୁଗ୍ରୀଙ୍କ ସଭାପତିତ୍ୱରେ ତଥା କୁନା ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଘନଶ୍ୟାମ ମହାନନ୍ଦ, ଗୋପବନ୍ଧୁ ଜଗଦଲା, କାର୍ଯ୍ୟକାରୀ ସଭାପତି ଦ୍ରୋଣ କୁମ୍ଭାର, କାଉନସିଲର ଶମ୍ଭୁ ନାଗ, ବିଜୟ ବାରିକ ଓ କାଉନସିଲର କିଶୋର କୁମ୍ଭାର ଯୋଗ ଦେଇଥିଲେ। ସମ୍ବିଧାନ ବଳରେ ଆମେ ସମସ୍ତ ପ୍ରକାର ଲଢେଇ ଲଢି ପାରିବା ବୋଲି ଅତିଥିମାନେ ମତବ୍ୟକ୍ତି କରିଥିଲେ। ରେଳୱେ ଏସସି, ଏସଟି କର୍ମଚାରୀ ସଂଘର ସଭାପତି ସୁଶୀଳ ଛତ୍ରିଆ ଓ ତିଲୋତ୍ତମା ବିଭାର ମତ ରଖିଥିଲେ। ଗୋବିନ୍ଦ ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ, ଗୌରୀ ଶଙ୍କର ଛତର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବଟୁ ନାଗ, ଦଣ୍ଡୁଆ କୁମ୍ଭାର, ରାଜେନ୍ଦ୍ର ସୁନା, ରଘୁନାଥ ମୁଗ୍ରୀ ଓ ଟିକି ବିଭାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

ସ୍ଥାନୀୟ ମିଶନ ପରିସରରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭଞ୍ଜ କିଶୋର ନାଗ ସଂଯୋଜନା କରିଥିଲେ। ବରିଷ୍ଠ ଆଡଭୋକେଟ୍ ରତନ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମସ୍ତଙ୍କୁ ସମାନତା ଏବଂ ଭ୍ରାତୃତ୍ୱର ସୂତ୍ରରେ ବାନ୍ଧି ରଖିବା ଦିଗରେ ଭାରତୀୟ ସମ୍ବିଧାନର ଗୁରୁତ୍ୱ ଉପରେ ସେ କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡାଉଦ ସାଗର ସମ୍ବିଧାନର ବୈଶିଷ୍ଟ୍ୟ ଉପରେ କହିଥିଲେ। ସମ୍ବିଧାନ ବିଷୟରେ ଜାଣିବା ପାଇଁ ଯୁବକମାନଙ୍କ ମଧ୍ୟରେ ସଚେତନତା ଆଣିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ।

## ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳିତ

ବୋଡ଼େନ/ସିନାପାଲି, ୨୬।୧୧(ଡି.ଏନ୍.ଏ.)

ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରି କଲେଜ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅବନୀ କୁମାର ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସନ୍ତୋଷ କୁମାର ମୁଣ୍ଡ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ଅତିକ୍ ଅହମଦ ଖାନ୍ ଓ ଅଧ୍ୟାପିକା ପ୍ରିତୀସୁଧା ପଣ୍ଡା ମଞ୍ଚସୀନ ଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. କିଶୋର କୁମାର କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କୁଲିଙ୍ଗାମାଲ ସେବାଶ୍ରମ ପ୍ରଧାନ ଶିକ୍ଷକ ଜ୍ୟୋତିଚରଣ ନାଗଙ୍କ ଅଧ୍ୟକ୍ଷତାରେ ସେବାଶ୍ରମ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ନାରାୟଣ ମାଝି, ସମାଜସେବୀ ସୁଦର୍ଶନ ତାଣ୍ଡି, ସହକାରୀ ଶିକ୍ଷକ ରଥି ମେହେର, ସନ୍ଧ୍ୟାରାଣୀ ଆଡବଙ୍ଗ, ଡିସମ୍ବର ମେହେର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ସମ୍ବିଧାନ ବଞ୍ଚିଲେ ଦେଶ ବଞ୍ଚିବ



ଅତିଥିମାନେ ପ୍ରଥମେ ସମ୍ବିଧାନ ପ୍ରସ୍ତାବନା ପଠନ କରୁଛନ୍ତି।

ଲାଠୋର,୨୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ାଠାରେ ୭୪ତମ ସମ୍ବିଧାନ ଦିବସ ଶନିବାର ପାଳିତ ହୋଇ ଯାଇଛି। ଡାଇଜ ଯୁବ ଅନୁଷ୍ଠାନ, ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ, ଗୋଣ୍ଡୱାନା ଛାତ୍ର ସଂଗଠନ, ମୂଳ ନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଓଡ଼ିଶା ଏବଂ ଜିନ୍ଦାବାଦ ସଂଗଠନ ମିଳିତ ଆନୁକୂଲରେ ଅନୁଷ୍ଠିତ ସଭାରେ ଖପ୍ରାଖୋଲ ରେଞ୍ଜର ଗିରୀଧାରୀ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ବିଧାନ ବଞ୍ଚିଲେ ଦେଶ ବଞ୍ଚିବ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ଜିନ୍ଦାବାଦ ସଂଗଠନ ଆବାହକ ଆଇନଜୀବୀ ତ୍ରିଲୋଚନ ପୁଞ୍ଜି ହରଘର ସମ୍ବିଧାନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସମ୍ବିଧାନ ଉପରେ ସଚେତନ କରିବାର ସମୟ ଆସି ଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ମୂଳ ନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ରାଜ୍ୟ ଉପଦେଷ୍ଟା ଗୋବର୍ଦ୍ଧନ ଛତର, ସାବାସ ସଂଗଠନ ଉପଦେଷ୍ଟା ବିଶ୍ୱହରି ନାଗ, ଆଇନଜୀବୀ ସେବିକା ରାଜହଂସ, ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ, ଫରେଷ୍ଟର କ୍ଷିରଧର ମାଝି, ଯୁବରାଜ ବେହେରା, ଜୟଦେବ ନାଗ, ଗୋପାଳ ଧରୁଆ, ନେହେରୁ ଦାସ, ବିଷ୍ଣୁ ବାଗ ପ୍ରମୁଖ ଯୋଗଦେଇ ଭାରତୀୟ ସମ୍ବିଧାନ ଉପରେ ସଚେତନ କରିବା ସହ ଶାନ୍ତି, ମୈତ୍ରୀ, ଭାଇଚାରା, ଅହିଂସା ଓ ସାମ୍ପ୍ରଦାୟିକ ସଦ୍‌ଭାବନା ସୃଷ୍ଟି ପାଇଁ ସମାଜକୁ ଏକ ବାର୍ତ୍ତା ଦେଇଥିଲେ। ଡାଇଜ ଯୁବ ଅନୁଷ୍ଠାନ ସଭାପତି ତନ୍ତ୍ର ଧରୁଆଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ସଭାକୁ ଈଶ୍ୱର ମାଝି ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ମୁକେଶ ସୁନା। ଏଥିପୂର୍ବରୁ ସମ୍ବିଧାନ ନିର୍ମାତା ଡ଼.ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ପ୍ରଥମେ ସମ୍ବିଧାନ ପ୍ରସ୍ତାବନା ପଠନ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଏକ ବାଇକ ରାଲିରେ ଲାଠୋର ଅଞ୍ଚଳ ପରିକ୍ରମା କରି ମାଲପଡ଼ାରେ ପହଞ୍ଚିଥିଲେ।

## ସମ୍ବିଧାନ ଦିବସ ପାଳନ

କୋକସରା,୨୬।୧୧(ଡି.ଏନ.ଏ.)

ନଭେମ୍ବର ୨୬ ତାରିଖକୁ ଭାରତ ଗଣତନ୍ତ୍ର ରାଷ୍ଟ୍ର ଗଠନର ସମ୍ବିଧାନ ପ୍ରଣୟନ ଦିବସ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ହାୟର ସେକେଣ୍ଡାରୀ ସ୍କୁଲରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ଼. ନିହାରକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଯୋଗଦେଇ ପ୍ରଥମେ ଭାରତୀୟ ନାଗରିକ ହେବାର କର୍ତ୍ତବ୍ୟ ଓ ସମ୍ବିଧାନର ନିୟମ ପାଳନ କରିବାକୁ ଶପଥ ନେଇଥିଲେ। ଅଧ୍ୟାପକ ପ୍ରେମାନନ୍ଦ ସାହା ସମ୍ବିଧାନ ପ୍ରଣୟନ ଦିବସର ମହତ୍ତ୍ୱ ବିଷୟରେ ମତ ରଖିଥିଲେ। ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସମ୍ବିଧାନ ପ୍ରଣୟନର ଐତିହାସିକ ପୃଷ୍ଠଭୂମି ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ହେମନ୍ତ ସେନାପତି, କଲ୍ୟାଣୀ ମହାନ୍ତି, ଶଙ୍କର ସତନାମୀ, ଖେଳ ଶିକ୍ଷକ ବିରେନ୍ଦ୍ର ନାରାୟଣ ଦାସ, ଭାରତ ଭୂଷଣ ଠାକୁର, ବିଭୁ ସାହୁ, ଭାଗବତ କଟା, ଦିବାକର ଦୁର୍ଗା, ତୁଳସୀ ବାଗଙ୍କ ସମେତ କଲେଜର କର୍ମଚାରୀ ଉପସ୍ଥିତ ରହିଥିଲେ।

# ଆମକୁ ଅଧିକାର ପ୍ରଦାନ କରିଛି ସମ୍ବିଧାନ



ସମ୍ବିଧାନ ଦିବସ ସଭାରେ ମଞ୍ଚାସୀନ ଅତିଥିମାନେ।

ଟିଟିଲାଗଡ, ୨୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଭାରତୀୟ ସମ୍ବିଧାନ ଆମକୁ ସମାନତା ଅଧିକାର, ସୁରକ୍ଷା, ବ୍ୟକ୍ତିଗତ ମତ ସାବ୍ୟସ୍ତ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଆଦି ଅନେକ ଅଧିକାର ପ୍ରଦାନ କରିଛି। ଆଇନ ଆଗରେ ସମସ୍ତ ଜାତି, ଧର୍ମ, ସଭିଙ୍କ ସମାନ ଅଧିକାର ରହିଛି। ଆଗକୁ ବଢିବାକୁ ହେଲେ ଆମକୁ କର୍ତ୍ତବ୍ୟ ନିଷ୍ଠା ସହ ଦାୟିତ୍ୱ ସମ୍ପାଦନ କରିବାକୁ ପଡିବ। ସାଧାରଣ ଜନତା ଏହା ଜାଣିବା ଅତି ଜରୁରୀ ବୋଲି ଅତିଥିମାନେ ମତ ରଖିଥିଲେ। ଟିଟିଲାଗଡ଼ ବାର ଆସୋସିଏଶନ ସଭାପତି ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜକିଶୋର ମହାପାତ୍ର, ସବ୍‌ଜଜ ରମାକାନ୍ତ ମହାନ୍ତି, ଏସ୍‌ଡ଼ିଜେଏମ ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ଜେଏମ୍‌ଏଫ୍‌ସି ଅଭିନନ୍ଦନ ରାୟ, ଟିଟିଲାଗଡ଼ ସହାୟକ ଜିଲାପାଳ ଡ଼ଃ ଲଳିତ ବାଗ, ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ରାଜେନ୍ଦ୍ର ମିଶ୍ର, ମୋହନଲାଲ ଜୈନ ପ୍ରମୁଖ ମତ ରଖିଥିଲେ। ଶେଷରେ ବାର ଆସୋସିଏସନ ସମ୍ପାଦକ କାର୍ତ୍ତିକ ଛତର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ସମ୍ବିଧାନ ଦିବସ



ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ସମ୍ବିଧାନ ଦିବସ ପାଳନ ଅବସରରେ ଅତିଥି ଓ ଅନ୍ୟମାନେ।

ଭବାନୀପାଟଣା,୨୬।୧୧(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ଶନିବାର ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସମ୍ବିଧାନ ଲେଖିବାରେ ବାବା ସାହେବ ଆମ୍ବେଡକରଙ୍କ ଭୂମିକା ଅତୁଳନୀୟ ଥିଲା। ଏହାର ସୁରକ୍ଷା ସମସ୍ତ ଭାରତୀୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ କହିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ସଭା ପରିଚାଳନା କରିଥିଲେ। ବୃଷଭ ଦାଶ, ବିକାଶ ଦାଶ, ସୁଶାନ୍ତ ନାଏକ, ନରେନ୍ଦ୍ର ସୁନାନୀ ସହଯୋଗ କରିଥିଲେ। ଶିକ୍ଷକ ବସନ୍ତ ନାଏକ ଧନ୍ୟବାଦ ଦେଇଥିଲେ।

# ସାଇ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

ନୂଆପଡ଼ା ଅଫିସ,୨୬।୧୧

କେନ୍ଦ୍ର ସରକାରଙ୍କ କ୍ରୀଡା ଏବଂ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ନୂଆପଡା, ଜିଲା ଓକିଲ ସଂଘ ଓ ସାଇ ମହାବିଦ୍ୟାଳୟ କୁରୁମପୁରି ଘାଟିପଡାର ମିଳିତ ଉଦ୍ୟମରେ ସମ୍ବିଧାନ ଦିବସ ସାଇ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ଉପଜିଲାପାଳ ରାମଚନ୍ଦ୍ର ଖାଡିଆ ମୁଖ୍ୟ ଅତିଥି, ଡିଏଲଏସଏ ସମ୍ପାଦକ ଲୋପାମୁଦ୍ରା ମଲ୍ଲ, ବରିଷ୍ଠ ଓକିଲ ପ୍ରସନ୍ନ କୁମାର ମହାପାତ୍ର, ମୁରଲିଧର ପଣ୍ଡା,



ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅଶୋକ କ୍ଷିତିତ ବୋଧନକର, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଘାସିରାମ ବାଗ, ଅମିତାଭ ବୋଷ, ପୁରୁଷୋତ୍ତମ ସୋନି, ଈଶ୍ୱର ଠାକୁର, ଗୋପାଳ ସାମନ୍ତ, ନିତା ବାଗ, ସାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଓ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଯୁବକମାନଙ୍କୁ ନେଇ ଏକ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ସେମାନେ ନିଜର ମତବ୍ୟକ୍ତ କରିବା ସହ ଉପସ୍ଥିତ ଅତିଥିମାନଙ୍କୁ ପ୍ରଶ୍ନ ପଚାରି ପାରିଥିଲେ। ଯୁବ ବର୍ଗଙ୍କ ପାଇଁ ଆୟୋଜିତ କୁଇଜ ପ୍ରତିଯୋଗିତାରେ ୧୪ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବିଦୁଷ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ମୁକେଶ ପାଣ୍ଡେ, ସଂଗ୍ରାମ କେଶରୀ ସିଂ, ଟିକେଶ୍ୱର ହଂସ, ଭାରତୀ ଭୋଇ, ବିଶାଖା ହରିଜନ, ଜନକ ରାମ ପାଣ୍ଡେ, ପ୍ରେମଲାଲ ଆଡବଙ୍ଗ ସହଯୋଗ କରିଥିଲେ।

## ଆସ୍ଥା ଯୋଜନାର ଶୁଭାରମ୍ଭ କଲେ ଜିଲାପାଳ

ପାଟଣାଗଡ/ଖପ୍ରାଖୋଲ, ୨୬।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ଉପଜିଲପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଆସ୍ଥା ଯୋଜନାର ଶୁଭାରମ୍ଭ କରିଛନ୍ତି ଜିଲାପାଳ ଚଞ୍ଚଳ ରାଣା। ଶନିବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଜିଲାପାଳ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ‘୫-ସ’ ଯଥା ସଚେତନତା, ସହଯୋଗ, ସାହାଯ୍ୟ, ସହାୟତା ଓ ସେବା ଦ୍ୱାରା ସରକାରଙ୍କ ପ୍ରଣିତ ଅନନ୍ୟ ଏକଶତ ଯୋଜନା ସାମୂହିକ ପ୍ରଚେଷ୍ଟାରେ ସାମର୍ଥ୍ୟର ପରିପ୍ରକାଶ ଘଟାଇବା ଉଦ୍ଦେଶ୍ୟରେ ଏହି ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ଦ୍ୱାରା ଆଦର୍ଶ ୫-ଟି ଶାସନ ବିଧି ସଂହିତା ତଥା ବିଭିନ୍ନ ଯୋଜନାର ସଫଳ ରୂପାୟନ ସଂକ୍ରାନ୍ତୀୟ ମତାମତ ଜନସାଧାରଣଙ୍କଠାରୁ ସଂଗ୍ରହ କରାଯାଇପାରିବ ବୋଲି ଉପଜିଲାପାଳ ଡା. ବିଜୟାନନ୍ଦ ସେଠୀ ପ୍ରକାଶ କରିଛନ୍ତି। ଜିଲାପାଳ ରାଣା ଏହାକୁ ଏକ ଅଭିନବ ସଚେତନତା ପ୍ରୟାସ ବୋଲି କହିଥିଲେ। ଜନସାଧାରଣ ଏହି ପ୍ରୟାସ ଦ୍ୱାରା ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ ହୋଇ ବେଶ ସୁଫଳ ନେଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଡିଓ ରଶ୍ମିରଞ୍ଜନ ରାଉତ, ବେଲପଡ଼ା ବିଡ଼ିଓ ଭିକ୍ଟୋର ସୋରେନ, ଆସିଷ୍ଟାଣ୍ଟ କଲେକ୍ଟର କ୍ଷିରୋଦ ସାହୁ, ସଚେତନ ନାଗରିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଖରିଫ ଧାନବିକ୍ରି ପାଇଁ ୪୭୯୨ଚାଷୀ ପଞ୍ଜୀକୃତ

ଲୋଇସିଂହା,୨୬।୧୧(ଡି.ଏନ.ଏ.)

**ଲୋଇସିଂହା ବ୍ଲକ**

**■୫୦୯ ନୂତନ ଚାଷୀ**

ବଲାଙ୍ଗୀର ଜିଲାରେ ୨୫ ନଭେମ୍ବରରୁ ଖରିଫ ଧାନକିଣା ଆରମ୍ଭ ହୋଇଛି। ଲୋଇସିଂହା ବ୍ଲକର ୪୭୯୨ଜଣ ଚାଷୀ ୧୦ଟି ପାକ୍ସ ଜରିଆରେ ଧାନବିକ୍ରି ସକାଶେ ପଞ୍ଜୀକୃତ ହୋଇଛନ୍ତି। ଏଥର ବ୍ଲକରେ ୫୦୯ଜଣ ଚାଷୀ ନୂତନ ଭାବେ ପଞ୍ଜୀକୃତ ହୋଇଛନ୍ତି। ଯୋଗୀସର୍ଡା ପାକ୍ସରେ ସର୍ବାଧିକ ୧୩୧ ନୂତନ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଗଡଶଙ୍କର ଡୁଙ୍ଗରିପାଲି ପାକ୍ସରେ ପଞ୍ଜୀକରଣ ସଂଖ୍ୟା କମିଛି। ୨୦ଟି ପଞ୍ଚାୟତକୁ ନେଇ ଗଠିତ ଲୋଇସିଂହା ପଞ୍ଚାୟତ ସମିତ ପ୍ରଶାସନ ପକ୍ଷରୁ ୧୦ଟି ପାକ୍ସ ଜରିଆରେ ଚାଷୀଙ୍କ ଧାନକିଣା ଯିବ। ବାଦିମୁଣ୍ଡା ପାକ୍ସରେ ୪୯୨ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏଠାରେ ୧୪ ଜଣ ନୂତନ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ବୁର୍ଡ଼ା ପାକ୍ସରେ ୪୨୬ଜଣ ଚାଷୀ ଧାନବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛି। ସେମାନଙ୍କମଧ୍ୟରେ ନୂତନ ଚାଷୀ ୬୬ ଜଣ ଅଛନ୍ତି। ଯୋଗୀସର୍ଡା ପାକ୍ସରେ ୧୩୧ ନୂତନ ଚାଷୀ ପଞ୍ଜୀକୃତ ହେବା ପରେ ମୋଟ ପଞ୍ଜୀକରଣଙ୍କ ସଂଖ୍ୟା ୮୬୫କୁ ବୃଦ୍ଧି ହୋଇଛି। କନ୍ଦାଜୁରୀ ପାକ୍ସରେ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୪୯୧, କୁଶଙ୍ଗରେ ୬୬୫, କୁଶମେଲରେ ୪୪୪, ଲୋଇସିଂହାରେ ୩୪୫, ରେଙ୍ଗାଲିରେ ୨୭୯, ସରଗାଡରେ ୪୯୧ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗଡଶଙ୍କର ଡୁଙ୍ଗରିପାଲିରେ ଗତବର୍ଷ ୩୦୩ ଚାଷୀ ପଞ୍ଜୀକୃତ ହୋଇଥିଲେ। ହେଲେ ଚଳିତ ବର୍ଷ ଏହି ସଂଖ୍ୟା ୨୯୪କୁ ଖସି ଆସିଛି। ବ୍ଲକରୁ ଧାନକିଣା ଟାର୍ଗେଟ ଆସିନାହିଁ। ଦିନେ ଦୁଇଦିନ ମଧ୍ୟରେ ଆସିବ ବୋଲି ବ୍ଲକ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ କହିଛନ୍ତି।

## ଧାନକିଣା ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର ଲୋଇସିଂହା ବ୍ଲକ ବୁର୍ଡ଼ା ପାକ୍ସରେ ଧାନ କ୍ରୟ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଘନଶ୍ୟାମ ପୁଟାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ବୋର୍ଡ ସଭାପତି ବାଳଗୋପାଳ ସାହୁ ଅଧ୍ୟକ୍ଷତା କରିଥିଲେ। ମଙ୍ଗଳବାରଠାରୁ ପାକ୍ସରେ ଧାନକିଣା ଶୁଭାରମ୍ଭ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ସମବାୟ ଓ ଯୋଗାଣ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଧାନକିଣାର ଶୁଭାରମ୍ଭ କରାଯିବ। ପାକ୍ସରୁ ଧାନ ଉଠାଇବା ପାଇଁ ୩ଟି ମିଲର ଅନୁବନ୍ଧିତ ହୋଇଥିବା ସମ୍ପାଦକ ପୁଟା ସୂଚନା ଦେଇଥିଲେ। ପାକ୍ସରେ ଶୃଙ୍ଖଳିତ ଧାନକିଣାକୁ ଗୁରୁତ୍ୱ ଦିଆଯାଇଥିଲା। ଧାନବୁହା ଶ୍ରମିକ ନିୟୋଜିତ, କଟନୀଛଟନୀ ଉପରେ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

ସୋନପୁର,୨୬।୧୧(ନି.ପ୍ର.): ସୋନପୁର ଅବକାରୀ ବିଭାଗ ପକ୍ଷରୁ ତରଭା ଥାନା ପଣ୍ଡକିମାଳ ଅଞ୍ଚଳରେ ଶନିବାର ଚଢାଉ ହୋଇଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପଣ୍ଡକିମାଳ ଗାଁର ସାନନ୍ଦ ସାହୁ ଓ ବିଶେଶ୍ୱର ସାହୁଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ମୋଟ ୨୫ କିଲୋ ଗଞ୍ଜେଇ ଜବତ ହୋଇଛି। ଅବକାରୀ ନୀରିକ୍ଷକ ପ୍ରକାଶ ସାଙ୍କ ନେତୃତ୍ୱରେ ଟିମ୍ ପଣ୍ଡକିମାଳ ଗାଁରେ ଚଢାଉ କରି ବିଶେଶ୍ୱରଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରୁ ୨୦କିଲୋ ଗଞ୍ଜେଇ ମିଳିଥିଲା। ସେହିପରି ଅବକାରୀ ଉପନୀରିକ୍ଷକ ସୁଧୀର ମିଶ୍ରଙ୍କ ନେତୃତ୍ୱରେ ଟିମ୍ ତେଲ ନଦୀର ପଣ୍ଡକିମାଳ ଡଙ୍ଗା ଘାଟରେ ଚଢାଉ କରି ସାନନ୍ଦଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ୫ କିଲୋ ଗଞ୍ଜେଇ ମିଳିଥିଲା । ସାନନ୍ଦ ଓ ବିଶେଶ୍ୱର ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଚୋରା ଚାଲାଣ କରୁଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ।

### ସୁନ୍ଦରାକାଣ୍ଡ ପାରାୟଣ

ବିନିକା, ୨୬।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଅଧିଷ୍ଠାତ୍ରୀ ମା’ ନାରାୟଣୀ ମନ୍ଦିରର ବେଢ଼ା, ପାର୍ଶ୍ୱଦେବୀ ଓ ସିଂହଦ୍ୱାରରେ ଥିବା କଳା ଘୋଡା ପ୍ରତିମୂର୍ତ୍ତିର ପ୍ରତିଷ୍ଠା ଉତ୍ସବର ଶନିବାର ଦ୍ୱିତୀୟ ଦିନ ଥିଲା। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ମାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ବାର୍ଷିକ କ୍ରୀଡାରେ ଉପସ୍ଥିତ ଅତିଥି।

### ଚକ୍ଷୁ ଚିକିତ୍ସା ଶିବିର

ବିନିକା, ୨୬।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଯୁବଗୋଷ୍ଠୀ ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବ୍ୟାସଦେବ ବେହେରା ଶଇବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ସୌଦାମିନୀ ସାହୁ ଯୋଗଦେଇଥିଲେ । ଶିବିରରେ ୧୧୫ଜଣଙ୍କ ଆଖି ପରୀକ୍ଷା କରାଯାଇଥିଲା। ସେଥିରୁ ୪୬ଜଣଙ୍କ ଅସ୍ତ୍ରୋପଚାର ପାଇଁ ନେତ୍ରାଳୟକୁ ପଠାଯାଇଥିଲା।

### ମହିଳାଙ୍କ ପାଇଁ ଆର୍ଥିକ ସାକ୍ଷରତା

ବରପାଲି, ୨୬।୧୧(ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ଅଧିକାର ଅଫିସ ପରିସରରେ ଶନିବାର ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧିକାର ଓ ଏସାଫ କ୍ଷୁଦ୍ର ବ୍ୟାଙ୍କ ଜରିଆରେ ଆୟୋଜନ କରାଯାଇଥିଲା। ଏଥିରେ ବରପାଲି ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ପ୍ରଭାତୀ ସାହୁ, ଅନୁଷ୍ଠାନର ଏରିଆ ମ୍ୟାନେଜର ଉତ୍ତମ ସା, ସୁବାସ ଦେଉରୀ ଅତିଥି ଭାବେ ଯୋଗଦେଇ ମହିଳାଙ୍କୁ ଆର୍ଥିକ ସାକ୍ଷରତା ଡିଜିଟାଲ ଓ ମାଇକ୍ରୋ ବ୍ୟାଙ୍କିଙ୍ଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପରମେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି

ଅମରପାଲି, ୨୬।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନ ପରିସରରେ ଥିବା ବ୍ୟାଡମିଣ୍ଟନ କୋଟରେ ଦ୍ୱିତୀୟ ଗେଲେକ୍ସି କପ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଧାକାନ୍ତ ବାଘଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଟୁର୍ନାମେଣ୍ଟକୁ କିପରି ଆକର୍ଷଣୀୟ କରାଯିବ ସେହି ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ସ୍ଥାନରୁ ବଛାବଛା ଦଳ ଅଂଶ ଗ୍ରହଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ୟାଡମିଣ୍ଟନର ପ୍ରଚାର ପ୍ରସାର ତଥା ଛାତ୍ରୀଛାତ୍ର ଓ ସାଧାରଣ ଖେଳାଳିଙ୍କୁ ବ୍ୟାଡମିଣ୍ଟନ ପ୍ରତି ଆକୃଷ୍ଟ କରିବା ପାଇଁ ଏହାର ଆୟୋଜନ କରାଯାଉଥିବା ମତପ୍ରକାଶ ପାଇଥିଲା। ବରିଷ୍ଠ ଉପଦେଷ୍ଟା ଛବିଳ କର୍ଣ୍ଣ, ମନରଞ୍ଜନ ତରିଆ, ଗିରାଧାରୀ ହୋତା, ସମ୍ପାଦକ ଗୋପିନାଥ କର୍ଣ୍ଣ, ଜଗନ୍ନାଥ ଦେହୁରୀ, ମନୋଜ ଝାଙ୍କର, ବୃଷକେତୁ ମେହେର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସମ୍ବିଧାନ ଦେଶର ଗୌରବ, ବିକାଶର ଚାବିକାଠି



ସମ୍ବିଧାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୨୬।୧୧(ନି. ପ୍ର.)

ସୋନପୁର ବ୍ଲକ ଖମ୍ବେଶ୍ୱରୀପାଲି ସ୍ଥିତ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ଓ ଏନଏସଏସ ୟୁନିଟ ତରଫରୁ ସମ୍ବିଧାନ ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନ ଅଧକ୍ଷା ସ୍ୱପ୍ନା ମହାପାତ୍ର ଓ ଏନଏସଏସ ପ୍ରୋଗ୍ରାମ ଅଫିସର ଦେବାଶିଷ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଲେ। ସମ୍ବିଧାନ ଦେଶର ଗୌରବ ଓ ବିକାଶର ଚାବି କାଠି ବୋଲି ଅଭିହିତ କରିଥିଲେ। ଦେଶର ଗୌରବମୟ ବିକାଶ ତଥା ସମ ଭାବପନ୍ନ ସମାଜ ଗଠନ ଆମ ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ତଥା ନାଗରିକଙ୍କ ମୌଳିକ ଅଧିକାର ଉପରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥି ବୃନ୍ଦ ଓ ଉପସ୍ଥିତ ଛାତ୍ରୀଛାତ୍ର ଭାରତୀୟ ସମ୍ବିଧାନ ପ୍ରସ୍ତାବନାର ପାଠ କରିବା ସହିତ ସୁସ୍ଥ ଓ ସମୃଦ୍ଧ ଦେଶ ଗଠନ ନିମିତ୍ତ ଶପଥ ପାଠ କରିଥିଲେ। ଅଧ୍ୟାପିକା ଚୁମକି ନାୟକ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ। ସମ୍ବିଧାନ ପର୍ଯ୍ୟବେକ୍ଷିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଛାତ୍ର ମୃତ୍ୟୁଞ୍ଜୟ ମିଶ୍ର, ସୁନୀଲ ଦନ୍ତା ଏବଂ କବିରାଜ ଧରେଇଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ନେହେରୁ ଯୁବକେନ୍ଦ୍ର ସୁବର୍ଣ୍ଣପୁରର ଏମଟିଏସ କୃପାସିନ୍ଧୁ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବିଧାନ ରାଷ୍ଟ୍ର ପାଇଁ ଗୁରୁତ୍ୱ ବହନ କରିଥାଏ


ବୀରମହାରାଜପୁରରେ ସମ୍ବିଧାନ ଦିବସରେ ମଞ୍ଚାସୀନ ଅତିଥି।

ଅମରପାଲି,୨୬।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ଉପଖଣ୍ଡସ୍ତରୀୟ ସମ୍ବିଧାନ ଦିବସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ସମସ୍ତ ସ୍କୁଲରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟ ଅତିଥି, ବୀରମହାରାଜପୁର ଏସଡିପିଓ ଡୋଳାମଣୀ ଭୋଇ, ପୋଲିସ ଅଧିକାରୀ ସମ୍ପଦ ହାତୀ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ୱେଚ୍ଛାସେବୀ କୃତିବାସ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ପ୍ରତିଯୋଗୀତା ବାବା ସହେବ ଆମ୍ବେଡକରଙ୍କ ଉପରେ ପର୍ଯ୍ୟବେସିତ ଥିଲା।

ବିଇଓ ଶାନ୍ତନୁ କୁମ୍ଭକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି, ବିଡିଓ ମୋତିଲାଲ ସୁଲିଆ, ଆଇନଜୀବୀ ପ୍ରଫୁଲ୍ଲ କୁମାର ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାର୍କଣ୍ଡେଶର ମିଶ୍ର ଓ ମୁକେଶ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ମଧୁସୂଦନ ଭୋଇ ମୁଖ୍ୟବକ୍ତାଭାବେ ଯୋଗଦେଇ ସମ୍ବିଧାନର ବିଭିନ୍ନ ଆଇନ ବିଷୟରେ ଆଲୋଚନା କରିଥିଲେ। ଦେଶର ଉନ୍ନତିରେ ଉତ୍ତମ ସମ୍ବିଧାନର ଆବଶ୍ୟକ ରହିଛି। ଗୋଟିଏ ଦେଶର ପାରମ୍ପରିକ ନୈତିକ ମୂଲ୍ୟବୋଧ ସେହି ଦେଶର ସମ୍ବିଧାନ ପଛରେ ଥାଏ। ଦେଶର ସମ୍ବିଧାନ ରାଷ୍ଟ୍ର ପାଇଁ ଗୁରୁତ୍ୱ ବହନ କରିଥାଏ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଅଭିମନ୍ୟୁ ବଗର୍ତ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ବିନୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ଉଭୟ ବ୍ଲକର ପ୍ରାୟ ୫ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ୭୩ତମ ସମ୍ବିଧାନ ଦିବସ ପାଳିତ

ବିନିକା, ୨୬। ୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ୭୩ ତମ ସମ୍ବିଧାନ ଦିବସ ଶନିବାର ପାଳିତ ହୋଇଛି। ଅଧ୍ୟକ୍ଷ ଡ.ଧୀରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଲେଜର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଭାରତୀୟ ସମ୍ବିଧାନର ପ୍ରସ୍ତାବଗୁଡ଼ିକୁ ସମୂହ ପାଠ କରି କରିଥିଲେ।ଅଧ୍ୟାପକ ରୁଦ୍ର ନାରାୟଣ ଦାଶ, ଗୋପାଳକୃଷ୍ଣ ଦାଶ, ବାଣୀ ପ୍ରସାଦ ବିଶାଳ ସମ୍ବିଧାନର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ମାନସ ରଞ୍ଜନ ମିଶ୍ର ସଭା ସଂଯୋଜନା, ହରିଶ୍ଚନ୍ଦ୍ର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ବିନିକା ଏନଏସି କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ସଭାରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଦିଲେଶ୍ୱର ହାତୀ, ମୁଖ୍ୟବକ୍ତା କର୍ମଚାରୀ ନେତା ମୋହନ ମହାନନ୍ଦ, ସମ୍ମାନୀତ ଅତିଥି ହିସାବରକ୍ଷକ ଧର୍ମେନ୍ଦ୍ର ସିଂ, ମନୋରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସଂଗଠକ ଦୀନବନ୍ଧୁ ମେହେର ସଭା ପରିଚାଳନା ଓ ପୃଥ୍ୱୀରାଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ସମ୍ବିଧାନ ଓ ଆମ୍ବେଦକରଙ୍କ ସ୍ମୃତିଚାରଣ କରି ସମ୍ବିଧାନର ମହାନତା ବିଷୟରେ ବୁଝାଇଥିଲେ।



ସିଦ୍ଧାର୍ଥ ଡିଗ୍ରୀ କଲେଜରେ ସମ୍ବିଧାନ ଦିବସ ପଳନ ସଭାରେ ମଞ୍ଚାସୀନ ଅତିଥି।

## ଶ୍ରୀରାମ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

ଡୁଙ୍ଗୁରିପାଲି, ୨୬।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ତରଣୀସେନ ବେହେରାଙ୍କ ଅଧକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଡକ୍ଟର ଗୁଣନିଧି ବାରିକ ସଭାର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡକ୍ଟର ରବିନାରାୟଣ ତ୍ରିପାଠୀ ସାମ୍ବିଧାନିକ ସଭାରେ ମହିଳାମାନଙ୍କର ଯୋଗଦାନ, ଓଡ଼ିଆମାନଙ୍କର ଯୋଗଦାନ ଏବଂ ପଶ୍ଚିମ ଓଡିଶାର ବ୍ୟକ୍ତିବିଶେଷଙ୍କ ଯୋଗଦାନ ଉପରେ ଆଲୋଚନା କରିଥିଲେ। ଲିଜାରାଣୀ ପଧାନ, ମଧୁମିତା ସାହୁ, ସ୍ୱାଗତିକା ନାଏକ, ସଚିନ ସାହୁ, ଜଗମୋହନ ମିଶ୍ର, ଅଂଶୁମାନ ମେହେର, ଆଭିଷେକ ଗୁପ୍ତା, ଅଙ୍କିତ ସାହୁ ପ୍ରମୁଖ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ।ସମ୍ବିଧାନର ପ୍ରସ୍ତାବନାକୁ ସଭାରେ ଶପଥ ପାଠ କରାଯାଇଥିଲା। ମୁଖ୍ୟ ଅଧ୍ୟାପକ ଡକ୍ଟର ଲିଙ୍ଗରାଜସାହୁଧନ୍ୟବାଦଅର୍ପଣକରିଥିଲେ।

# ଟୁନା ସାହୁ ହତ୍ୟାକାଣ୍ଡ ଘଟଣା, ୩ ଗିରଫ

ବରପାଲି,୨୬।୧୧(ଡି.ଏନ.ଏ.)

ବରଗଡ ଜିଲା ବରପାଲିର ବହୁ ଚର୍ଚ୍ଚିତ ଟୁନା ସାହୁ ହତ୍ୟାକାଣ୍ଡର ୯ଦିନ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବିନୋଦ ବିହାରୀ ସାହୁ(୫୭), ତାଙ୍କ ସ୍ତ୍ରୀ(୫୦) ଏବଂ ପୁତୁରା କିରନ ସାହୁ (୩୧)।ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ଏକ ମାମଲା (ନଂ.୩୭୫।୨୨) ରୁଜୁ ହୋଇଛି ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ବରପାଲି ଆଇଆଇସି ରୋଜାଲିନ ପଟେଲ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ବରପାଲି ମଧପଡ଼ାର ଅଶୋକ ସାହୁଙ୍କ ପୁଅ ଆଶିଷ ସାହୁ (ଟୁନା) ଗତ ୧୭ ତାରିଖଠାରୁ ନିଖୋଜ ଥିଲେ । ୧୯ ତାରିଖରେ ତାଙ୍କ ମୃତଦେହକୁ ବରପାଲି କଇଁରାଟିକ୍ରା ରାସ୍ତା ନାଳପାଖରୁ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଥିଲା। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ମୃତଦେହ ପଡ଼ିଥିବା ନିକଟସ୍ଥ ନାଳ ନିକଟରୁ ଜବତ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ୧୭ ତାରିଖ ରାତିରେ ଏହି ହତ୍ୟାକାଣ୍ଡ ହୋଇଥିଲା ଏବଂ ଏହା ପ୍ରେମଜନିତ ବୋଲି ଆଇଆଇସି ପଟେଲ କହିଛନ୍ତି।

# ସତଲମା କଲେଜ ଜାତୀୟ ସମ୍ବିଧାନ ଦିବସ

ବରପାଲି, ୨୬।୧୧ (ଡି.ଏନ.ଏ.)

ବରଗଡ଼ ଜିଲା ବରପାଲି ନିକଟସ୍ଥ ସତଲମା କଲେଜ ପରିସରରେ ଜାତୀୟ ସମ୍ବିଧାନ ଦିବସ ଶନିବାର ପାଳିତ ହୋଇଛି। ସମ୍ବଲପୁରୀ ସମ୍ବାଦପତ୍ର ଜୁଏ ହୁଲା ଓ ସତଲମା କଲେଜର ମିଳିତ ଆନୁକୁଲ୍ୟରେ ସତଲମା କଲେଜ ଅଧକ୍ଷ ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ବରପାଲି ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶ ମୁଖ୍ୟଅତିଥି, ଫଗୁନୁ କୁମ୍ଭାର, ନିବେଦିତା ସ୍ୱାଇଁ, ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଶିବଲାଲ ତାଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଏବଂ ଚଞ୍ଚଳ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅରକ୍ଷିତ ମହାନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

ପଦ୍ମପୁର (ଡି.ଏନ.ଏ.): ପଦ୍ମପୁର ଲକ୍ଷ୍ମୀ କଲ୍ୟାଣ ମଣ୍ଡପଠାରେ ବରଗଡ଼ ଜିଲା କଂଗ୍ରେସ କମିଟି ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଥମେ ସମ୍ବିଧାନ ପ୍ରଣେତା ବାବାରାଓ ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା, ନିରଞ୍ଜନ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ଜୟଦେବ ଜେନା, ପଞ୍ଚାନନ କାନୁନଗୋ ପ୍ରମୁଖ ସମ୍ବିଧାନ ଦିବସ ଓ ତାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଏଥିରେ ଆଦିବାସୀ ନେତା ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି, ଆଦିବାସୀ ମହାସଂଘର ବରଗଡ଼ ଜିଲା ସଭାପତି ଗୋବିନ୍ଦ ବରିହା, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ଗୀତାଞ୍ଜଳି ଧରୁଆ, ପାଇକମାଳ ବ୍ଲକ ସଭାପତି ଚେରୁ ବରିହା, ନିଲେଶ୍ୱର ଭୁଏ, ଗାଇସିଲେଟ ବ୍ଲକ ସଭାପତି ଶଶିଭୁଷଣ ବରିହା, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ, ସଞ୍ଜୟ ଜରଜରିଆ, ମିଥିଳା ବୁଡେକ, ବିନୋଦିନୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଭାବେ ଯୋଗଦାନ କରିଥିଲେ। ବାମନ ଧରୁଆ ସଭା ପରିଚାଳନା କରିଥିଲେ। ତ୍ରିଲୋଚନ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଜନ ନାଗ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଜାନୁୟାରୀ ୨ରୁ

ସୋନପୁର,୨୬।୧୧(ନି.ପ୍ର.)

ଦଶମ ରାଜ୍ୟସ୍ତରୀୟ ସୁଜନ ନାଗ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ଜାନୁୟାରୀ ମାସ ୨ ତାରିଖରୁ ସୋନପୁର ରୟାଲ ପଡିଆରେ ଅନୁଷ୍ଠିତ ହେବ। ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଏମଏମଏଫସି ସମ୍ବଲପୁର, ବିଏନସିସି ଜରାସିଂଘା ବଲାଙ୍ଗୀର, ରାମଧୁନ କ୍ଲବ ସୋନପୁର, ରଘୁନାଥ ଦେବ କ୍ଲବ ଖୋର୍ଦ୍ଧା, ଇଲେଭେନ ଷ୍ଟାର ସୋନପୁର, ରିଜୁଲ ସ୍ପୋର୍ଟିଂ ସୋନପୁର, ବିଏସଏଫ ସୋନପୁର ଓ ବାରିପଦା ଭଳି ୮ଟି ଦଳ ଅଂଶଗ୍ରହଣ କରିବେ। ରୟାଲ ସ୍ପୋର୍ଟିଂ କ୍ଲବର ରାକେଶ ନାଗ ଏହି ସୂଚନା ଦେଇଛନ୍ତି।

# ଯୁବ ମହାସଂଘର ପ୍ରତିଷ୍ଠା ଦିବସ ପାଳିତ

ଉଲୁଣ୍ଡା, ୨୫।୧୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲ ଗୋପପୁର ମଣ୍ଡପରେ ଯୁବ ମହାସଂଘ ଉଲୁଣ୍ଡାର ଷଷ୍ଠ ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପ୍ରମୋଦ କୁମାର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଡିଓ ଶୁଭ୍ରାଂଶୁ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯେଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବିଏସଏସଓ କ୍ଷୀରୋଦ ଭୂଷଣ ରାଏ, ଏକ୍ସନଏଡ ଜାତୀୟ ସଂଯୋଜକ ଘାସିରାମ ପଣ୍ଡା, ସୋନପୁର ସାହାରା ଟ୍ରଷ୍ଟ ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର, ସ୍ୱାଧୀନ ମେହେର ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱ ବହନ କରୁଥିବା କହିଥିଲେ। ଅନୁଷ୍ଠାନର ବିଶ୍ୱଜିତ ପାତ୍ର ମଞ୍ଚ ପରିଚାଳନା, ମହେଶ ରଞ୍ଜନ ପୁରୋହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ୩୧ ଜଣ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ଯୁବ ମହାସଂଘରେ ସାମିଲ ହୋଇଥିବା ନୂତନ ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାଓନିଅର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

ଅମରପାଲି,୨୬।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜଲା ବୀରମହାରାଜପୁର ସଦର ସ୍ଥିତ ପାଓନିଅର ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିଜୁପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଉଲୁଣ୍ଡା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାର୍କଣ୍ଡେଶ୍ୱର ମିଶ୍ର ମୁଖ୍ୟ ଅତିଥି, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, କଳାପଥର ସତ୍ୟବାଦୀ ଜୁନିଅର କଲେଜର ଶିକ୍ଷା ବିବାଗୀୟ ଅଧ୍ୟାପକ କିଶୋର ସାହୁ, ସ୍କୁଲ ସମ୍ପାଦକ ଶ୍ରଦ୍ଧାଞ୍ଜଳି ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୧୦୦ମିଟର ଦୌଡ, ୨୦୦ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ପଟାଟୋ ରେସ, ବସ୍ତାଦୌଡ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ରଘୁନାଥ ରଥ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିବାବେଳେ ଅଜିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଟାକାନୀ ଏଫସି ବରଗଡ଼ ଫାଇନାଲରେ

## ବୈଷ୍ଣବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ଅମରପାଲି,୨୬।୧୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ପଞ୍ଚାୟତର କୁଡାପଡା ମାଁ ଭଗବତୀ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ରାଜ୍ୟ ସ୍ତରୀୟ ବୈଷ୍ଣବ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ମୋତିଲାଲ ସୁଲିଆ ମୁଖ୍ୟ ଅତିଥି, ବିନୋବାନନ୍ଦ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବଲାଙ୍ଗୀର ଓ ମେଟାକାନୀ ଏଫସି ବରଗଡ ମଧ୍ୟରେ ହୋଇଥିଲା। ଏଥିରେ ବରଗଡ ୪-୨ ଗୋଲରେ ବିଜୟୀ ହୋଇଥିଲା।

ଦ୍ୱିତୀୟ ମ୍ୟାଚ ଆୟୋଜକ କୁଡାପଡା ଓ ଅରୁଣ-୧୧ ସମ୍ବଲପୁର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ କୁଡାପଡା ୫-୩ ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ବରଗଡ ଓ ଦ୍ୱିତୀୟ ମ୍ୟାଚର ବିଜେତା କୁଡାପଡା ମଧ୍ୟରେ ପ୍ରଥମ ସେମି ଫାଇନଲ ଖେଳାଯାଇଥିଲା। ଏଥିରେ ବରଗଡ ଦଳ ଆୟୋଜକ କୁଡାପଡାକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଗୁଡିକରେ ସଲିଲ ବେହେରା, ଜିତେନ୍ଦ୍ର ପଣ୍ଡା, ଶ୍ରବଣ ବିଶ୍ୱାଳ ଓ ଅଶ୍ୱିନି ମେହେର ରେଫରୀ ଭାବେ କାର୍ଯ୍ୟ ତୁଲାଇ ଥିଲେ। ଅଭିମନ୍ୟୁ ବଗର୍ତ୍ତି, ଲକ୍ଷ୍ମଣ ବିଶ୍ୱାଳ ଓ ଚନ୍ଦ୍ରଶେଖର ମହାଲିକ ଧାରା ବିବରଣୀ ପ୍ରଦାନ କରିଥିଲେ।


ସେମିଫାଇନାଲ ମ୍ୟାଚ ଖେଳୁଥିବା ଉଭୟ ଦଳର ଖେଳାଳି।

# ଡୁମାଲ ପରିଷଦ ସାଙ୍ଗଠନିକ ବୈଠକ

ଜାମଟିକ୍ରା, ୨୬।୧୧(ଡି.ଏନ.ଏ.)

ଅତାବିରା ବ୍ଲକ ଗମ୍ଭାରୀପାଲି ଆଞ୍ଚଳିକ କେନ୍ଦ୍ରର ମା’ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ପୂର୍ବାହ୍ନ ୧୧ଟାରେ ବରଗଡ଼ ଡୁମାଲ ପରିଷଦର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଜିଲା ସଭାପତି ଦୟାସାଗର ମେଣ୍ଡଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁବାଷ ଚନ୍ଦ୍ର ଥାଟୀ ବିବରଣୀ ପାଠ କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ଭାବେ ମୁରଲୀଧର ପାତ୍ର ଉପସ୍ଥିତ ଥିଲେ। ରାଜ୍ୟ ଡୁମାଲ ପରିଷଦ ପୁନର୍ଗଠନ ପାଇଁ ନୂତନ ଜିଲା କମିଟି ଓ ରାଜ୍ୟ କମିଟିକୁ ମନୋନିତ ସଭ୍ୟାସଭ୍ୟଙ୍କୁ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଥିଲା। ବୈଠକରେ ବକଟି କେନ୍ଦ୍ର ସଭାପତି ଗଣେଶ ପ୍ରଧାନ, ବରଗାଁ କେନ୍ଦ୍ର ସଭାପତି ଧ୍ୱଜରାଜ ମହାକୁର, ସରଳା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ, ପୋଡ଼ବାଡି କେନ୍ଦ୍ରର କୃଷ୍ଣଚନ୍ଦ୍ର ମହାକୁର, ସମ୍ବଲପୁର ଜିଲା ଉପସଭାପତି କପିଳେନ୍ଦ୍ର ମହାକୁର, ଚାରପାଲି କେନ୍ଦ୍ର ସଭାପତି ଧ୍ରୁବ ଚରଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଛନ୍ଦ, ଗମ୍ଭାରୀପାଲି କେନ୍ଦ୍ରର ପ୍ରଫୁଲ୍ଲ କୁମାର କର୍ଣ୍ଣ, ସାମିଲ ଛନ୍ଦ, ଅମୂଲ୍ୟ ପ୍ରଧାନ, ଝସକେତନ ମହାକୁର, ହରିହର ଦନ୍ତା ଉପସ୍ଥିତ ଥିଲେ। ଗମ୍ଭାରୀପାଲି କେନ୍ଦ୍ର ସଭାପତି ପ୍ରେମରାଜ କମ୍ପ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା ଅଫିସ/ବେଲପାହାଡ଼,: ବେଲପାହାଡ ଟିଆର୍‌ଏଲ କ୍ରୋସାକୀ କମ୍ପାନୀର ସିଏସ୍‌ଆର ବିଭାଗ ତରଫରୁ ଶନିବାର ସ୍ଥାନୀୟ ନୂଆପଡ଼ାସ୍ଥିତ ଶିବଶକ୍ତି କ୍ଲବଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଟିଆରଏଲ କ୍ରୋସାକୀ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବରୁଣ ପଟେଲ ଓ ଡା. ଦୀପ୍ତି ସୋରେନ ଆର୍ଲାଣ୍ଡ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାଉନସିଲର ଅନୱର୍ ଖାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ବବନ ସିଂ, ପ୍ରଶାନ୍ତ ମହାନ୍ତି ସହଯୋଗ କରିଥିଲେ।



## ସଂକ୍ଷେପରେ

### ହିଣ୍ଡାଲ୍‌କୋ ହୀରାକୁଦ ପକ୍ଷରୁ ଫଳ ଚାରା ବଣ୍ଟନ

ସମ୍ବଲପୁର୨୬ା୧୧(ବ୍ୟୁରୋ)- ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଫଳ ଚାରା ବଣ୍ଟନ କରାଯାଇଛି। କମ୍ପାନୀର ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ, ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ମହମ୍ମଦପୁର ଗ୍ରାମବାସୀଙ୍କୁ ଆମ୍ବ, ପଣସ, ସଜନା, ଅମୃତଭଣ୍ଡା ଚାରା ପ୍ରଦାନ କରାଯାଇଥିଲା। କିଚେନ ଗାର୍ଡେନ ପ୍ରସ୍ତୁତ କରିବା ପାଇଁ ଫଳ ଗଛ ଚାରା ବଣ୍ଟନ କରାଯାଇଛି। ଏହାର ରକ୍ଷଣାବେକ୍ଷଣ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ପରିବେଶ ବିଭାଗର ବିଶ୍ୱଜିତ ପରିଡାଙ୍କ ସହ ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ପ୍ରବନ୍ଧକ ଆନନ୍ଦ କୁମାର ଚକ୍ରବର୍ତ୍ତୀ, ସରୋଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ ଓ ସନ୍ତୋଷ ତ୍ରିପାଠୀ ପରିଚାଳନା କରିଥିଲେ।

### ଏଏପି ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା ଅଫିସ,୨୬ା୧୧- ଝାରସୁଗୁଡ଼ା ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ତରଫରୁ କଣ୍ଟାପାଲିସ୍ଥିତ ଜିଲା କାର୍ଯ୍ୟାଳୟରେ ଶନିବାର ଦଳର ୧୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ସୁରେନ୍ଦ୍ର ସାହୁ ମୁଖ୍ୟଅତିଥି ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଇନଚାର୍ଜ କୁମୁଦ ରଞ୍ଜନ ପ୍ରସାଦ, ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଇନଚାର୍ଜ ଶମ୍ଭୁନାଥ ଯାଦବ, ଜିଲା ସମ୍ପାଦକ ସନ୍ତୋଷ ଦୋରା, ନାରୀନେତ୍ରୀ ଆରତି ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୧ ଦଶନ୍ଧି ମଧ୍ୟରେ ଦଳର ଅଗ୍ରଗତି ସମ୍ପର୍କରେ ଅତିଥିମାନେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅଶୋକ ସାହୁ, ବ୍ରଜେଶ ଶର୍ମା ପ୍ରମୁଖ ବହୁ କର୍ମୀ ଦଳରେ ଯୋଗଦାନ କରିଛନ୍ତି।

### ୪ ଦୋକାନରୁ ଚୋରି

ଝାରସୁଗୁଡ଼ା ଅଫିସ,୨୬ା୧୧- ଲଖନପୁର ଥାନା ୪୯ନଂ ଜାତୀୟ ରାଜପଥ ବେହେରାଗୁଡା ଛକରୁ ଶୁକ୍ରବାର ରାତିରେ ୪ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରିକରି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ନିଶାମଣି ପ୍ରଧାନ, ସୁମନ୍ତ ବାରିକ, ଚୈତନ୍ୟ ପ୍ରଧାନ ଓ ବୁଦ୍ଧଦେବ କାଲୋ ପୋଲିସ୍‌ରେ ଅଭିଯୋଗ କରିଛନ୍ତି। ଶନିବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ଚୋରି ସମ୍ପର୍କରେ କୌଣସି ତଥ୍ୟ ପାଇପାରିନାହିଁ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବ୍ରଜରାଜନଗର,୨୬ା୧୧(ଡି.ଏନ.ଏ.)- ବ୍ରଜରାଜନଗର ଶିକ୍ଷା ନିକେତନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବ୍ରଜରାଜନଗର ମହାବିଦ୍ୟାଳୟ ଅଧକ୍ଷ ବିଶ୍ୱଜିତ ଖମାରି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ୪ଗ୍ରୁପରେ ବିଭକ୍ତ କରାଯାଇ ଖେଳ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଅଧକ୍ଷା ପ୍ରହ୍ଲାଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

# ରୋପ୍‌ୱେ ସେବାକୁ ୩ବର୍ଷ

■ମଜା ନେଇଛନ୍ତି ୨ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

■ପ୍ରତିଷ୍ଠା ଦିବସ ପାଳିଲା ଏସ୍‌ଏମ୍‌ସି

ସମ୍ବଲପୁର,୨୬ା୧୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ହୀରାକୁଦ ରୋପ୍‌ୱେ ସେବାକୁ ୩ବର୍ଷ ପୂରିଛି। ପ୍ରାୟ ୨ବର୍ଷ କୋଭିଡ୍ କଟକଣା ଯୋଗୁ ପର୍ଯ୍ୟଟକଙ୍କ ପାଇଁ ଏହା ବନ୍ଦ ରହିଥିଲା। ହେଲେ ମଧ ଏହି ସମୟ ଭିତରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସି ରୋପୱେର ମଜା ନେଇଛନ୍ତି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ଗହଳି ଲାଗିରହିଛି। ଶନିବାର ୫୩୩ଜଣ ପର୍ଯ୍ୟଟକ ରୋପୱେରେ ବସିଥିଲେ। ଏସ୍‌ଏମ୍‌ସି ପକ୍ଷରୁ ପ୍ରତିଷ୍ଠା ଦିବସ ମଧ ପାଳନ ହୋଇଥିଲା। ଏସ୍‌ଏମ୍‌ସି କମିଶନର ପ୍ରଦିପ କୁମାର ସାହୁ, ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପର୍ଯ୍ୟଟକଙ୍କ ସହିତ କେକ୍ କାଟି ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏସ୍‌ଏମସି ପକ୍ଷରୁ ସୂଚନା ଦିଆଯାଇଥିଲା, ୩ବର୍ଷ ତଳେ ୨୦୧୯ ନଭେମ୍ବର ୨୬ରେ ହୀରାକୁଦ ନେହେରୁ ପାର୍କଠାରୁ ଗାନ୍ଧୀମିନାର ପର୍ଯ୍ୟନ୍ତ ରୋପୱେ ସେବା ଆରମ୍ଭ ହୋଇଥିଲା। ହୀରାକୁଦ ଓ ବୁର୍ଲାକୁ ରାଜ୍ୟ ତଥା ବାହାରୁ ପର୍ଯ୍ୟଟକମାନେ ଆସୁଛନ୍ତି। ସେମାନଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ ରହିଥିଲା, ଯାହା ଆଜି ସଫଳ ହୋଇଛି। ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ସେଠାରେ ସମସ୍ତ ପ୍ରକାଶ ବ୍ୟବସ୍ଥା କରାଯାଇଛି। ଠିକା ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିଲେ ମଧ ଏସ୍‌ଏମ୍‌ସିକୁ ରାଜସ୍ୱ ମିଳୁଛି। ଚଳିତବର୍ଷ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି।



ଏସ୍‌ଏମ୍‌ସି ପକ୍ଷରୁ ରୋପୱେର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

## ୨ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକରେ ଚଢାଉ

ରେଢ଼ାଖୋଲ,୨୬ା୧୧(ଡି.ଏନ.ଏ.)

ସମ୍ବଲପୁର ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଶନିବାର ରେଢ଼ାଖୋଲର ଦୁଇ ଅଲଟ୍ରାସାଉଣ୍ଡ କ୍ଲିନିକ ଉପରେ ପ୍ରଶାସନ ପକ୍ଷରୁ ଅଚାନକ ଚଢାଉ ହୋଇଛି। ତେବେ ଏହି ଚଢାଉ ଚିରାଚରିତ ଢଙ୍ଗରେ ହୋଇଥିବା ସହରରେ ଆଲୋଚନା ହେଉଛି। ସୂଚନାମତେ ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରାଙ୍କ ନେତୃତ୍ୱରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଏସ୍‌ଡିଏମ୍‌ଓ ଡା. ସୁନୀତା ବ୍ରହ୍ମା, ସମ୍ବଲପୁରର ଏକ ବୈଷୟିକ ପ୍ରତିନିଧି ଦଳ ଅଚାନକ ବେହେରା ଓ ମାହେଶ୍ୱରୀ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ ଉପରେ ଚଢାଉ କରିଥିଲେ। ଟିମ୍ କ୍ଲିନିକ ପାଇଁ ଆବଶ୍ୟକ କାଗଜପତ୍ର ଓ ଡାକ୍ତରଙ୍କ ଉପରେ ଯାଞ୍ଚ କରିଥିଲେ। ହେଲେ ଉଭୟ କ୍ଲିନିକରେ ଅଲ୍‌ଟ୍ରାସାଉଣ୍ଡ ଡାକ୍ତର ନ ଥିବାବେଳେ ଅଲଟ୍ରାସାଉଣ୍ଡ କ୍ଲିନିକ ପାଇଁ ଆବଶ୍ୟକ କାଗଜପତ୍ର ମଧ ନ ଥିବା ଜଣାପଡିଛି। ଏଥିପାଇଁ ସମ୍ପୃକ୍ତ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଉପଜିଲାପାଳ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଗତ ପ୍ରାୟ ଏକମାସ ହେବ ରେଢାଖୋଲର ଏହି ଦୁଇ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକରେ ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିବା ନେଇ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରେ ଅଭିଯୋଗ ହୋଇଥିଲା।

## ହିନ୍ଦୀ ଭାଷା ସମସ୍ତଙ୍କୁ ଯୋଡିଥାଏ




ଏମ୍‌ସିଏଲ୍ ମୁଖ୍ୟାଳୟଠାରେ ଆୟୋଜିତ ବୈଠକ।

ସମ୍ବଲପୁର,୨୬ା୧୧(ବ୍ୟୁରୋ)

ନଗର ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ ଶୁକ୍ରବାର ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଅଧକ୍ଷତା କରି ରାଜଭାଷା ଆମ ସମସ୍ତଙ୍କୁ ନିଜ ମଧରେ ଯୋଡିଥାଏ। ତେଣୁ ସମସ୍ତେ ନିଜ ମାତୃଭାଷାକୁ ପ୍ରାଧାନ୍ୟ ଦେବା ସହ ରାଜ ଭାଷା ହିନ୍ଦୀକୁ ଅଗ୍ରାଧିକାର ଦେବା ଦରକାର ବୋଲି କହିଛନ୍ତି। ସିଆରପିଏଫ ମହାନିର୍ଦ୍ଦେଶକ ଲାଲଚନ୍ଦ ଯାଦବ, ରେଲୱେ ମୁଖ୍ୟ ପରିଯୋଜନା ଅଧିକାରୀ ଅନିଲ ପ୍ରକାଶ, ଏସ୍‌ବିଆଇ ସହାୟକ ମହାପ୍ରବନ୍ଧକ ଲଳିତ କୁମାର ଉଦ୍‌ଗାତା, ପିଏନ୍‌ବି ମୁଖ୍ୟ ପ୍ରବନ୍ଧକ ଅନମୋଲ ଉତ୍ସବ, ୟୁନିୟନ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ସରୋଜ କୁମାର ନାୟକ, ହସ୍ତଶିଳ୍ପ ନିର୍ଦ୍ଦେଶକ କେ. ଶୈଳଜା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ବିପଦସଙ୍କୁଳ ଯାତ୍ରୀ ପ୍ରତୀକ୍ଷାଳୟ: ସରପଞ୍ଚଙ୍କୁ ଦାବିପତ୍ର

ଜମନକିରା,୨୬ା୧୧(ଡି.ଏନ.ଏ.)

ଜମନକିରା ବସ୍‌ଷ୍ଟାଣ୍ଡସ୍ଥିତ ଯାତ୍ରୀ ପ୍ରତୀକ୍ଷାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତୁରନ୍ତ ଏହାକୁ ଭାଙ୍ଗି ନୂତନ ଭାବେ ନିର୍ମାଣ ପାଇଁ ଜମନକିରା ସରପଞ୍ଚ ଯାଜ୍ଞସିନୀ ନାଏକଙ୍କୁ ଜମନକିରା ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ପ୍ରାୟ ୨୫ବର୍ଷ ତଳେ ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାରେ ଗ୍ରାମପଞ୍ଚାୟତ ପକ୍ଷରୁ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। ଦୁର୍ଗା ପୂଜା ସମୟରେ ଗ୍ରାମ୍ୟ ଉନ୍ନୟନ କମିଟି ଏହାକୁ ମଣ୍ଡପ ଭଳି ବ୍ୟବହାର କରିଆସୁଛନ୍ତି। ଏଥିସହ ଜମନକିରା ଆସୁଥିବା ଯାତ୍ରୀ ତଥା ଜନସାଧାରଣ ଏଠାରେ ବସାଉଠା କରିଥାନ୍ତି। ପୂଜା ସମୟରେ ଗ୍ରାମ କମିଟି ଏହାର ମରାମତି କରିଥାନ୍ତି। ହେଲେ ପ୍ରାୟ ୧୦ବର୍ଷ ହେବ ଏହି ମଣ୍ଡପରୁ ସିମେଣ୍ଟ କଂକ୍ରିଟ ଝଡି ଲୁହା ଛଡ଼ ବାହାରିଥିବାରୁ ବିପଦପୂର୍ଣ୍ଣ ରହିଛି। ଏବେ ପ୍ରତୀକ୍ଷାଳୟ ମରାମତି ଉପଯୋଗୀ ହୋଇ ନ ଥିବାରୁ ଏହାକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚ ନାଏକଙ୍କୁ ପଚାରିବାରେ ଦାବିପତ୍ର ହସ୍ତଗତ ହୋଇଛି। ଖୁବ୍‌ଶୀଘ୍ର ନୂତନ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ ବୋଲି କହିଥିଲେ।



ଯାତ୍ରୀ ପ୍ରତୀକ୍ଷାଳୟ କାନ୍ଥରୁ ସିମେଣ୍ଟ ଖଣ୍ଡ ଖସି ଲୁହାଛଡା ଦେଖାଯାଉଛି।

## ନକ୍‌ଆଉଟ ଫୁଟ୍‌ବଲ: ଉବୁଡ଼ା, ସରବାହାଲ ଫାଇନାଲରେ

ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୨୬ା୧୧

ବେଲପାହାଡ଼ ରେଫରି ଆସୋସିଏଶନ ପକ୍ଷରୁ ଟିଆର୍‌ଏଲ୍ କ୍ରୋସାକୀ ଷ୍ଟାଡିୟମରେ ଆୟୋଜିତ ବେଲପାହାଡ଼ କପ ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତାର ଶନିବାର ସେମିଫାଇନାଲ ମ୍ୟାଚରେ ଗୋଲ୍ଡେନ କ୍ଲବ ଉବୁଡ଼ା ଓ ଜୟଜବାନ କ୍ଲବ ସରବାହାଲ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ସେମି ଫାଇନାଲ ମ୍ୟାଚ ଉବୁଡ଼ା ଓ ଖ୍ରୀଷ୍ଟ କ୍ଲବ ଭୁଲାମାଲ ମଧରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ଉବୁଡ଼ା ଦଳ ୪-୩ ଗୋଲରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଲୋକାଲ ଇଲେଭେନ ଓ ସରବାହାଲ ଦଳ ମଧରେ ହୋଇଥିଲା। ଟାଇବ୍ରେକର ଜରିଆରେ ସରବାହାଲ ଦଳ ୪-୨ ଗୋଲରେ ବିଜୟୀ ହୋଇଛି। କିଶନ ଦାସ, ରମଣି ମାଝି, ଦେବାଶିଷ ବାଗ, ଅଗସ୍ତି ହାତୀପଟା, ରତ୍ନାକର ସାଏ, ସୂର୍ଯ୍ୟନାରାୟଣ ମିର୍ଦ୍ଧା ଓ ପ୍ରଶାନ୍ତ ବେହେରା ଖେଳ ପରିଚାଳନା କରିଥିଲେ। ବିପ୍ଳବ ଅଗ୍ରୱାଲ, ନରେନ୍ଦ୍ର ସାଇଁ, ହିତେଶ ଠକ୍କର, ଦିଲୀପ ସାଏ, ଜେନାମଣି ସେଠ, ସୁବିର ରାଣା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ସମ୍ବଲପୁର,୨୬ା୧୧(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିସୁଟ୍ କ୍ଲବଠାରେ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ସିଇଓ ଗଜାନନ କାଲେ ଏହାକୁ ଉଦ୍‌ଘାଟନ କରିଥିଲେ। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି, ଭିମ୍‌ସାର ରକ୍ତଭଣ୍ଡାର ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ପସାଦ ଉପସ୍ଥିତ ଥିଲେ। ସିଇଓ କାଲେ କହିଥିଲେ, ଚଳିତ ବର୍ଷ ୧ କୋଟି ୫୦ ଲକ୍ଷ ଟଙ୍କା ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଖର୍ଚ୍ଚ କରାଯିବ। ସମସ୍ତ ସର୍କଲରେ ଏଭଳି ରକ୍ତଦାନ ଶିବିର କରି କମ୍ପାନୀ ତା'ର ସାମାଜିକ ଦାୟିତ୍ୱ ତୁଲାଇବ ବୋଲି ସେ କହିଥିଲେ। ପ୍ରଫେସର ମେହେର ଏଭଳି ଜନମଙ୍ଗଳ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଭିସୁଟ୍ କୁଳପତି ମାଝି ଛାତ୍ରୀଛାତ୍ରଙ୍କୁ ବୈଷୟିକ ସହାୟତା ହାତ ବଢାଇବାର ଆବଶ୍ୟକ ରହିଛି ବୋଲି କହିଥିଲେ। ଡାକ୍ତର ପ୍ରସାଦ ରକ୍ତଦାନର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ଶିବିରରେ ମୋଟ ୧୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭିମସାର ରକ୍ତଭଣ୍ଡାର କର୍ମଚାରୀ ସହଯୋଗ କରିଥିଲେ।

## ପୋଡ଼ିହୋଇ ମହିଳା ଗୁରୁତର

ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୨୬ା୧୧

ଲଖନପୁର ଥାନା ଅନ୍ତର୍ଗତ ବଞ୍ଜାରୀ ଗାଁରେ ନିଆଁରେ ପୋଡି ହୋଇ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୁମୁଦିନୀ ଭୁଏ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଘରେ ରୋଷେଇ କରୁଥିବା ସମୟରେ ଅସାବଧାନତା ଯୋଗୁ ନିଆଁ ଲାଗି ତାଙ୍କ ପିଠି ଓ ମୁଣ୍ଡର କିଛିଅଂଶ ପୋଡ଼ିଯାଇଥିବା ଜଣାପଡ଼ିଛି।

## ଯୁବ ପ୍ରତିଭା ଅଦିତି ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଝାରସୁଗୁଡ଼ା ଅଫିସ,୨୬ା୧୧

ଝାରସୁଗୁଡ଼ା ମାଟିର ଝିଅ ଅଦିତି ଅଗ୍ରୱାଲ ଯୁବ ଭାରତର ପ୍ରତିନିଧି ଭାବେ ସଂସଦରେ ଚମତ୍କାର ବକ୍ତବ୍ୟ ରଖି ନିଜ ମାଟିର ଗୌରବ ବୃଦ୍ଧି କରିଛନ୍ତି। ଝାରସୁଗୁଡ଼ା ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଆବାହକ ପ୍ରାଧାପକ ତପନ କୁମାର ବାରିକଙ୍କ ଅଧକତାରେ ସ୍ଥାନୀୟ ସଂସ୍କୃତି ଭବନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଅଦିତି କହିଥିଲେ, ଓଡିଶାର ଇତିହାସ, ସଂସ୍କୃତି, ପରମ୍ପରାକୁ ସମଗ୍ର ଭାରତରେ ପରିଚୟ କରିବାର ସୁଯୋଗ ନିଆରା। ବର୍ତ୍ତମାନର ଯୁଦ୍ଧ, ଶୋଷଣ, କଷଣ ଭିତରେ ବାଣ୍ଟି ହୋଇଥିବା ପୃଥିବୀରେ ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗ ହିଁ ଏକମାତ୍ର ଆଲୋକ ବର୍ତ୍ତିକା। ଯୁବ ସମାଜ ଯେପରି ପଥଭ୍ରଷ୍ଟ ନ ହୁଅନ୍ତି ସେଥିପ୍ରତି ବୁଦ୍ଧିଜୀବୀ ତଥା ନେତୃତ୍ୱ ଧ୍ୟାନ ଦେବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜଲାପାଳ ପ୍ରବୀର କୁମାର ନାୟକ, ଜିଲା ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଅଗ୍ରୱାଲଙ୍କୁ ଜିଲାର ୟୁଥ୍ ଆଇକନ ବୋଲି ଅଭିହିତ କରିଥଲେ। ଝାରସୁଗୁଡ଼ା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବାଲଗୋବିନ୍ଦ ମିଶ୍ର ଓ ଅବସରପ୍ରାପ୍ତ ଅଧକ୍ଷ ଟହଲୁ ସାହୁ ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥଲେ। ଖବରଦାତା ମେହେବୁବ ମେହେତାବ ଓ କବି ଅନ୍ତର୍ଯ୍ୟାମ ପାଣିଗ୍ରାହୀ ସଭା ସଂଯୋଜନା କରିଥଲେ।

## ଅସ୍ୱାସ୍ଥ୍ୟକର ପରିବେଶରେ ଅଙ୍ଗନୱାଡି କେନ୍ଦ୍ର

ଝାରସୁଗୁଡ଼ା ଅଫିସ,୨୬ା୧୧

ଝାରସୁଗୁଡା ପୌରପରିଷଦ ୬ନଂ ୱାର୍ଡ ଏକତାଳି ଗ୍ରାମର ମଝାପଡାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଗ୍ରାମର ରାସ୍ତା ପାର୍ଶ୍ୱରେ କେନ୍ଦ୍ର ରହିଥିବାବେଳେ ଏହା ସମ୍ମୁଖରେ କୁଢ କୁଢ ମଇଳା ଗଦା ହେଉଛି। ଏହା ପଚିଯିବା ଫଳରେ ଦୁର୍ଗନ୍ଧ ହେଉଛି। ଫଳରେ ଲୋକେ ଏହି ରାସ୍ତାରେ ଗଲେ ନାକରେ ହାତଦେଇ ଯାଉଛନ୍ତି। କେନ୍ଦ୍ରକୁ ଆସୁଥିବା କୁନି କୁନି ପିଲାମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଅଙ୍ଗନୱାଡି ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ ଏଠାରେ ମଇଳା ନ ପକାଇବାପାଇଁ ଲୋକଙ୍କୁ ବାରଣ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ସ୍ଥାନରେ ପୂର୍ବରୁ ପୌର ପରିଷଦ ତରଫରୁ ମଇଳା ପକାଇବା ପାଇଁ ଡଷ୍ଟବିନ୍ ରଖାଯାଉଥିଲା। କିନ୍ତୁ ଏବେ ଏହା ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସମ୍ମୁଖରୁ ମଇଳା ଉଠାଇବା ପାଇଁ ସ୍ଥାନୀୟ ଲୋକେ କାଉନସିଲର ଓ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଗ୍ରାମର ସଚେତନ ନାଗରିକ ଦାବି କରିଛନ୍ତି।



ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଅଳିଆ ଗଦା।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ

ସମ୍ବଲପୁର,୨୬ା୧୧(ବ୍ୟୁରୋ)

ବୁର୍ଲା ଡିଏଭି ବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ରଶ୍ମି ମିଶ୍ର ସମ୍ବିଧାନ ପ୍ରଣେତା ଡା. ବାବା ସାହେବ ଭୀମ ରାଓଜୀ ଅମ୍ବେଦକରଙ୍କ ପ୍ରତିଚ୍ଛବିରେ ମାଲ୍ୟାର୍ପଣ କରିଥିଲେ। ଛାତ୍ର ଅଂଶୁମାନ ଗୁରୁ ସମ୍ବିଧାନର ମହତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା ସମ୍ବିଧାନ ଓ ନାଗରିକଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକ ଡ. ଅଭୟକୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହିଅବସରରେ ସମସ୍ତେ ସମ୍ବିଧାନ ପ୍ରସ୍ତାବନାକୁ ନେଇ ଶପଥ ପାଠ କରିଥିଲେ।

**ସମ୍ବଲପୁର, (ବ୍ୟୁରୋ)**– ଭୀମ ଆର୍ମି ପକ୍ଷରୁ ସମ୍ବିଧାନ ଦିବସ ଶନିବାର ସମ୍ବଲପୁର କଚେରି ଛକ ନିକଟରେ ପାଳିତ ହୋଇଯାଇଛି । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ସଭ୍ୟ ରବିନାରାୟଣ ପୂଜାରୀ, ଚନ୍ଦ୍ରକାନ୍ତ ମହାନ୍ତି, ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ଅଧକ୍ଷ ନିହାଲ ସିଂ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ଓ ବାବା ସାହେବ ଅମ୍ବେଦକରଙ୍କ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ, ସାଧାରଣ ସମ୍ପାଦକ ବିକାଶ ବୌଦ୍ଧ, ସମ୍ବଲପୁର ଜିଲା ଉପସଭାପତି ଟିଙ୍କୁ ଜଗତ, ଜିଲା ଯୁବ ସଭାପତି ରୋଶନ ଆଜାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମ୍ବଲପୁର ଭୀମ୍ ଆର୍ମି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।




ଝାରସୁଗୁଡ଼ା ଟିଆର୍‌ଏଲ୍ ଖେଳପଡିଆରେ ଶପଥପାଠ କାର୍ଯ୍ୟକ୍ରମ।

**ଜମନକିରା,(ଡି.ଏନ.ଏ.)**– ଜମନକିରା ଡ଼ିଗ୍ରୀ ମହାବିଦ୍ୟାଳୟରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ପଟେଲ ସଭାପତିତ୍ୱ କରିଥିଲେ। ଡ଼. ଭୀମରାଓ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସମ୍ବିଧାନର ପ୍ରସ୍ତାବନା ପଠନ କରାଯାଇଥିଲା। ଜମନକିରା ଜୋନ ୧ ଜିଲାପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ, ଥାନା ଅଧିକାରୀ ପ୍ରେମଜିତ ଦାସ, ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଫିସର ମାରିଆନୁସ ବିଲୁଙ୍ଗ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଲଇଡ଼ା ମହାବିଦ୍ୟାଳୟର ରାଜନୀତି ଅଧ୍ୟାପିକା ଦୂତିକା ସାହୁ ଉପସ୍ଥିତ ଥିଲେ। , ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ମାନସ ଦେହୁରି, ଶମ୍ଭୁନାଥ ସାହୁ, ରେଙ୍ଗାଲି ବ୍ଲକ ସ୍ୱେଚ୍ଛାସେବୀ ଅଜିତ ପ୍ରଧାନ, ମାନେଶ୍ୱର ବ୍ଲକର ସତ୍ୟନାରାୟଣ ସାହୁ, ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଅଧାପିକା ଅରୁଣା ମିଶ୍ର ଧନ୍ୟବାଦ ଦେଇଥିଲେ।

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼:** ଝାରସୁଗୁଡ଼ା ନେହେରୁ ଯୁବ କେନ୍ଦ୍ର ଓ କଳିଙ୍ଗ ୟୁଥ୍ ଆସୋସିଏଶନ ଜାହାଜପଡାର ମିଳିତ ଆନୁକୁଲ୍ୟରେ ଟିଆର୍‌ଏଲ୍ ଖେଳପଡିଆରେ ଶନିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଡା. ଦିଲିପ ନାୟକ ମୁଖ୍ୟ ଅତିଥି ଓ ବିଇଏମ ସ୍କୁଲର ଖେଳ ଶିକ୍ଷକ ହମିଦ କୁମାର ମହାପାତ୍ର, ଜୁରାବଗା ସ୍କୁଲ ଶିକ୍ଷକ ବିଭୁତି ଭୂଷଣ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ପୂର୍ବକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

**କୁଚିଣ୍ଡା,(ଡି.ଏନ.ଏ.)**– କୁଚିଣ୍ଡା ବ୍ଲକ କୁତୁରାଚୁଆ ଜୁନିୟର କଲେଜରେ ଶନିବାର ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ଓ ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିଗଣ ସମ୍ବିଧାନର ପ୍ରଣେତା ଡ. ବି.ଆର୍. ଆମ୍ବେଡକର ଓ ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାଏଙ୍କ ତୈଳଚିତ୍ରରେ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରି ସମ୍ବିଧାନର ପ୍ରସ୍ତାବନା ପଠନ କରିଥିଲେ। ଅଧାପକ ସତ୍ୟନାରାୟଣ ପଟେଲ ସ୍ୱାଗତ ଭାଷଣ ଓ ଅଧାପିକା ଭାବନା ପାଣ୍ଡେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଶା ଲୁହା, ଅଶ୍ୱିନି କୁସୁମ, ବେବି ସାହୁ, ସିମା ପୂଜାରୀ ପ୍ରମୁଖ ଛାତ୍ରୀଛାତ୍ର ସମ୍ବିଧାନ ବିଷୟରେ ଭାଷଣ ଦେଇଥିଲେ। ଶେଷରେ ଅଧାପିକା ଗିତା ମାଝି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

